ରିପୋର୍ଟ ଯୋଗ୍ୟ

**ଭାରତର ସର୍ବୋଚ୍ଚ ନ୍ୟାୟଳୟରେ**

**ଦେୱାନୀ ଅପିଲ କ୍ଷେତ୍ରାଧିକାର**

**<u>ସିଭିଲ ଆବେଦନ ସଂଖ୍ୟା (ମାନ) ୨୦୨୩</u>**

**(ଏସଏଲପି (ସିଭିଲ) ସଂଖ୍ୟା (ମାନ) (୬୨୬୧, ୬୨୬୨ ର ୨୦୨୧ ମସିହାରୁ ଆସିଛି)**

**ଓଡ଼ିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ.............…ଆବେଦନକାରୀ (ମାନେ)**

**ବନାମ**

**ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ଅନ୍ୟମାନେ ........ଉତ୍ତରଦାତା (ମାନେ)**

**<u>ରାୟ</u>**

**ରସ୍ତୋଗି, ବିଚାରପତି**

୧. ଅନୁମତି ପ୍ରଦାନ କରାଗଲା।

୨. ଓଡ଼ିଶା ଲୋକାୟୁକ୍ତ ଅଧିନିୟମ, ୨୦୧୪ ର ଧାରା ୨୦ (୧) ଅନ୍ତର୍ଗତ ପ୍ରଦତ୍ତ ଅଧିକାର ପ୍ରୟୋଗ କରି(ଏହାପରେ ଏଠାରେ ଧାରା ୧୪ଭାବରେ ଅଭିହିତ କରାଯିବ ) ପ୍ରାଥମିକ ତଦନ୍ତ କରିବା ଲାଗି ଓଡ଼ିଶା ଲୋକାୟୁକ୍ତଙ୍କ ଦ୍ୱାରା ୧୧ ଡିସେମ୍ବର, ୨୦୨୦ରେ ଦିଆଯାଇଥିବା ଆଦେଶକୁ କଟକରେ ଥିବା ଓଡ଼ିଶା ହାଇକୋର୍ଟର ଦୁଇଜଣିଆ ଖଣ୍ଡପୀଠ ଙ୍କ ଦ୍ୱାରା ୩ ଫେବୃଆରୀ୨୦୨୧ମସିହାରେ, ପାରିତ ରାୟ ଅଗ୍ରାହ୍ୟ କରାଯିବା ବିରୋଧରେ ଏହି ଅପିଲ ମାନ କରାଯାଇଛି। ଭୁବନେଶ୍ୱର ର ଦୁର୍ନୀତି ନିବାରଣ ସେଲ ୟୁନିଟ ର ଡେପୁଟି ସୁପରଇନଟେଣ୍ଡେଣ୍ଟ ଅଫ ପୁଲିସ ମିଷ୍ଟର ରଞ୍ଜନ କୁମାର ଦାସ ୯ ଡିସେମ୍ବର ୨୦୨୦ ମସିହାରେ ଏକ ଅଭିଯୋଗ ଆଣିଥିଲେ, ଯେଉଁଥିରେ ପ୍ରଥମ ପ୍ରତିବାଦୀ ଗୋପାଳପୁର ନିର୍ବାଚନ ମଣ୍ଡଳୀ ର ଜଣେ ନିର୍ବାଚିତ ବିଧାନସଭା ସଭ୍ୟ ଥିଲେ, ତାଙ୍କ ବିରୋଧରେ ଏକ ପ୍ରାଥମିକ ତଦନ୍ତ କରି ଲୋକାୟୁକ୍ତଙ୍କୁ ବିବୃତି ପ୍ରଦାନ କରିବାପାଇଁ କଟକ ସ୍ଥିତ ଦୁର୍ନୀତି ନିବାରଣ ନିର୍ଦେଶାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା |

୩.  ଆବେଦନକାରୀଙ୍କ କହିବା ଅନୁଯାୟୀ ଦାଖଲ କରାଯାଇଥିବା ପୁନର୍ବିଚାର ଆବେଦନରେ କୁହାଯାଇଛି ଯେ ଓଡ଼ିଶା ଲୋକାୟୁକ୍ତ କେବେ ବି ଶୁଣାଣି କରିନାହାନ୍ତି ଏବଂ ୩ ଫେବୃଆରୀ ,୨୦୨୧ମସିହାରେ ଆଦେଶ ପାରିତ ହେବା ପୂର୍ବରୁ ଶୁଣାଣିର କୌଣସି ସୁଯୋଗ ଦିଆଯାଇ ନାହିଁ ଏବଂ ଏହା ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତର ଉଲ୍ଲଂଘନ ଯାହାକୁ କି ୫ ଏପ୍ରିଲ ୨୦୨୧ ମସିହାରେ ଏକ ଅକୁହା ଆଦେଶ ଦ୍ୱାରା ବରଖାସ୍ତ କରାଯାଇଛି।

୪.  ପ୍ରଥମ ପ୍ରତିବାଦୀ ଜଣେ ବିଧାନସଭାର  ନିର୍ବାଚିତ ସଦସ୍ୟ। ଦୁର୍ନୀତି ନିବାରଣ ସେଲ ୟୁନିଟ, ଭୁବନେଶ୍ୱରର ତତ୍କାଳୀନ ଡେପୁଟି ସୁପରଇନଟେଣ୍ଡେଣ୍ଟ ଅଫ୍ ପୁଲିସ ଶ୍ରୀ ରଞ୍ଜନ କୁମାର ଦାସ ୯ ଡିସେମ୍ବର, ୨୦୨୦ ମସିହାରେରେ ଗୋପାଳପୁର ନିର୍ବାଚନ ମଣ୍ଡଳର ଜଣେ ନିର୍ବାଚିତ ବିଧାୟକଙ୍କ ବିରୋଧରେ ଏକ ଗୁରୁତର ଅଭିଯୋଗ ଆଣିଥିଲେ। ଅଭିଯୋଗ ସହିତ, ସହାୟକ ଦସ୍ତାବିଜ ମଧ୍ୟ ସଂଲଗ୍ନ କରାଯାଇଥିଲା।ଓଡ଼ିଶା ଲୋକାୟୁକ୍ତ, ଅଭିଯୋଗରେ ଥିବା ବିଷୟବସ୍ତୁ ଏବଂ ସଂଲଗ୍ନ କାଗଜପତ୍ରକୁ ବିଚାରକୁ ନେବା ପରେ, ଆକ୍ଟ, ୨୦୧୪ ର ଧାରା ୨୦ (୧) ଅନ୍ତର୍ଗତ ପ୍ରଦତ୍ତ ଅଧିକାରର ପ୍ରୟୋଗ କରି, ଓଡ଼ିଶା, କଟକର ଦୁର୍ନୀତିନିବାରଣ ନିର୍ଦ୍ଦେଶାଳୟକୁ ପ୍ରଥମ ପ୍ରତିବାଦି ଙ୍କ  ବିରୋଧରେ ପ୍ରାରମ୍ଭିକ ତଦନ୍ତ କରିବା ଏବଂ ଦୁଇ ମାସ ମଧ୍ୟରେ ଏକ ବିବୃତି ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେଏବଂ ଦୁର୍ନୀତିନିବାରଣ  ନିର୍ଦ୍ଦେଶାଳୟକୁ ପୁନଃ ନିର୍ଦ୍ଦେଶ ଦେଇ କହିଥିଲେ କି ପ୍ରାଥମିକ ତଦନ୍ତ ସମୟରେ ଧାରା ୨୦(୨) ର ସମ୍ପୂର୍ଣ୍ଣ ପାଳନ ହେବା ସହିତ ପୁନଃ, ଲୋକାଯୁକ୍ତଙ୍କ  କାର୍ଯ୍ୟାଳୟକୁ ସମସ୍ତ ପ୍ରାସଙ୍ଗିକ ନଥିପତ୍ର ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟକୁ ପ୍ରଦାନ କରି ଅନୁପାଳନ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି |

୫.  ଓଡ଼ିଶା ଲୋକାୟୁକ୍ତ ପକ୍ଷରୁ ୧୧ ଡିସେମ୍ବର,୨୦୨୦ମସିହାରେ ଦିଆଯାଇଥିବା ଏକ ନିର୍ଦ୍ଦେଶ ଅନୁଯାୟୀ, ଦୁର୍ନୀତି ନିବାରଣ ନିର୍ଦ୍ଦେଶନାଳୟକୁ ପ୍ରଥମ ପ୍ରତିବାଦୀଙ୍କ ବିରୋଧରେ ପ୍ରାରମ୍ଭିକ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ବିବୃତି ମଗାଯାଇଥିଲା, ଯାହାଦ୍ୱାରା ପ୍ରଥମ ପ୍ରତିବାଦୀ ସମ୍ବିଧାନର ଅନୁଚ୍ଛେଦ ୨୨୬ ଦ୍ୱାରା  ଉଚ୍ଚନ୍ୟାୟାଳୟ ରେ ଏକ ରିଟ ଆବେଦନ ଦାୟର କରିଥିଲେ | ଯଦିଓ ଲୋକାୟୁକ୍ତ କାର୍ଯ୍ୟାଳୟକୁ ଉଚ୍ଚନ୍ୟାୟାଳୟରେ ଜଣେ ପ୍ରତିବାଦୀ ଭାବେ ସାମିଲ କରାଯାଇଥିଲା, କିନ୍ତୁ ଏହି ଅଦାଲତକୁ ସୂଚନା ଦିଆଯାଇଥିଲା ଯେ, ସେମାନଙ୍କୁ କୌଣସି ନୋଟିସ୍ ଜାରି କରାଯାଇନଥିଲା ଏବଂ ଶୁଣାଣିର ପ୍ରଥମ ତାରିଖରେ, ଆବେଦନକାରୀଙ୍କୁ ସେମାନଙ୍କ ଲିଖିତ ଉତ୍ତର ଦାଖଲ କରିବା ଲାଗି ଶୁଣାଣି କରିବାର ସୁଯୋଗ ପ୍ରଦାନ କରାଯାଇନଥିଲା।

୨୦୨୧ ଫେବୃଆରୀ ୩ ତାରିଖରେ ଉଚ୍ଚନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଏହି ପରିପ୍ରେକ୍ଷୀରେ ଅଗ୍ରସର ହୋଇଥିଲେ ଯେ, ପ୍ରାଥମିକ ତଦନ୍ତ କରିବା ଲାଗି ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟକୁ ଦାୟିତ୍ୱ ପ୍ରଦାନ କରିବା ଧାରା ୨୦(୧) ଅନୁଯାୟୀ  ଠିକ ନୁହେଁ। ଏହି ଆଧାରରେ ୧୧ ଡିସେମ୍ବର ୨୦୨୦ ଆଦେଶ କୁ ଅଗ୍ରାହ୍ୟ କରି ଲୋକଯୁକ୍ତଙ୍କୁ,ପ୍ରଥମ ପ୍ରତିବାଦୀଙ୍କ ବିରୋଧରେ ଲୋକଯୁକ୍ତଙ୍କ ତଦନ୍ତ ପକ୍ଷ ଙ୍କ ଦ୍ୱାରା ପ୍ରାଥମିକ ତଦନ୍ତ କରିବାପାଇଁ ସ୍ୱାଧୀନତା ପ୍ରଦାନ କରିବା ସହ କହିଛନ୍ତି ଯେ ଧାରା ୨୦(୨) ଏବଂ ୨୦(୩) ର ଆବଶ୍ୟକତା ଏବଂ ନିଶ୍ଚିତତା ଆଧାରରେ ଲୋକଯୁକ୍ତ ପକ୍ଷ ତଦନ୍ତ କରି ବିବୃତି ପ୍ରଦାନ କରିବେ |

୬.   ୩ ଫେବୃଆରୀ୨୦୨୧ମସିହାର ଆଦେଶ ବିରୋଧରେ ଲୋକାୟୁକ୍ତଙ୍କ  ଦ୍ୱାରା ଦାଖଲ କରାଯାଇଥିବା ଏକ ସମୀକ୍ଷା ଆବେଦନକୁ ୫ ଏପ୍ରିଲ, ୨୦୨୧ ମସିହାରେ ଅଣକୁହା ଆଦେଶ ଦ୍ୱାରା ଖାରଜ କରାଯାଇଥିଲା, ଯାହା ଆମ ସମ୍ମୁଖରେ ଏହି ଆବେଦନଗୁଡିକ  ଏକ ଆହ୍ୱାନର ବିଷୟ।

୭.   ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଦର୍ଶାଇଛନ୍ତି ଯେ ୩ ଫେବୃଆରୀ ,୨୦୨୧ ମସିହାରେ ଦିଆଯାଇଥିବା ଆପେକ୍ଷିତ ଆଦେଶଟି ସ୍ୱାଭାବିକ ନ୍ୟାୟ ବ୍ୟବସ୍ଥା ଗୁଡିକର   ଉଲ୍ଲଂଘନ କରୁଛି ଏବଂ ଆବେଦନକାରୀଙ୍କୁ ସୁଯୋଗ ପ୍ରଦାନ ନକରି ଏହି ଫଳାଫଳ ରେକର୍ଡ କରାଯାଇଛି ଏବଂ ଏହା ମଧ୍ୟ ଅଧିନିୟମ ୨୦୧୪ ର ଧାରା ୨୦(୧) କୁ ସୁନିଶ୍ଚିତ କରୁ ନାହିଁ|

୮.  ବିଦ୍ୱାନ ଓକିଲ ଆହୁରି କହିଛନ୍ତି ଯେ ଧାରା ୨୦(୧), ଲୋକାୟୁକ୍ତଙ୍କୁ ଏକ ବିକଳ୍ପ ପ୍ରଦାନ କରିଥାଏ, ଯିଏକି, ଅଭିଯୋଗ ପାଇବା ପରେ, ଯଦି କୌଣସି ସରକାରୀ କର୍ମଚାରୀଙ୍କ ବିରୋଧରେ ପ୍ରାରମ୍ଭିକ ତଦନ୍ତ କରିବା ପାଇଁ ଆଦେଶ ଦିଅନ୍ତି, ତେବେ ଏହି ମାମଲାରେ ଆଗକୁ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ପ୍ରଥମ ଦୃ ଷ୍ଟିଗତ ମାମଲା ରହିଛି କି ନାହିଁ ତାହା ସୁନିଶ୍ଚିତ କରିବା ଲାଗି ଏହାର ତଦନ୍ତ ଶାଖା କିମ୍ବା କୌଣସି ସଂସ୍ଥା ଦ୍ୱାରା ପରିଚାଳନା କରିପାରିବେ। ଯଦି ଅଧିନିୟମର ପ୍ରାସଙ୍ଗିକ ବ୍ୟବସ୍ଥା, ବିଶେଷ କରି ଅଧିନିୟମ ୨୦୧୪ର ଅଧ୍ୟାୟ-୮କୁ ଅନୁଧ୍ୟାନ କରାଯାଏ, ତେବେ ଧାରା ୨୫ ଅନ୍ତର୍ଗତ ନିର୍ଦ୍ଧାରିତ କୌଣସି ପ୍ରତିନିଧିଙ୍କ କାର୍ଯ୍ୟାଳୟ ଙ୍କ ପ୍ରାଥମିକ ତଦନ୍ତ କିମ୍ବା ତଦନ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ଦୁର୍ନୀତି ନିବାରଣ  ଏବଂ ଅପରାଧ ଶାଖାକୁ ସାମିଲ କରିଥାଏ ଏବଂ ଏହାକୁ ଧାରା ୨୮ ଅନ୍ତର୍ଗତ ପ୍ରାରମ୍ଭିକ ତଦନ୍ତ କିମ୍ବା ତଦନ୍ତ କରିବା ଲାଗି ପ୍ରକ୍ରିୟା ଦ୍ୱାରା ଆହୁରି ସୁଦୃଢ଼ କରାଯାଇଥାଏ, ଯେଉଁଥିରେ ଲୋକାୟୁକ୍ତ ସରକାରଙ୍କ ସଂସ୍ଥା ଜରିଆରେ ପ୍ରାରମ୍ଭିକ ତଦନ୍ତ କିମ୍ବା ଅନୁସନ୍ଧାନ କରିପାରିବେ | ପ୍ରଦତ୍ତ ତଥ୍ୟ ଏବଂ ପରିସ୍ଥିତିରେ,

ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି ଯେ, ୨୦୨୦ ଡିସେମ୍ବର ୧୧ ତାରିଖରେ ଜାରି କରାଯାଇଥିବା ଆଦେଶ ଅନୁଯାୟୀ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରାରମ୍ଭିକ ଯାଞ୍ଚ କରାଯିବା ଅଧିନିୟମ ୨୦୧୪କୁ ଅନୁରୂପ ଭାବେ ସୁନିଶ୍ଚିତ କରୁନାହିଁ,ତେଣୁ ଏଥିରେ ଏହି ନ୍ୟାୟାଳୟ ହସ୍ତକ୍ଷେପ କରିବା ଆବଶ୍ୟକ କରୁଛନ୍ତି।

୯. ବିଦ୍ୱାନ ଓକିଲ ଆହୁରି କହିଛନ୍ତି ଯେ ଏହି ମାମଲାରେ ଆଗକୁ ବଢ଼ିବା ଲାଗି ପ୍ରଥମ ଦୃଷ୍ଟିଗତ ମାମଲା ରହିଛି କି ନାହିଁ ତାହା ସୁନିଶ୍ଚିତ କରିବା ଲାଗି ପ୍ରାରମ୍ଭିକ ତଦନ୍ତ କରିବା ଉଦ୍ଦେଶ୍ୟରେ ତଦନ୍ତ ଶାଖା କିମ୍ବା କୌଣସି ସଂସ୍ଥା କୁ ଆହ୍ୱାନ କରିବା କେବଳ ଏକ ସୀମିତ ପ୍ରୟାସ । ବ୍ୟବସ୍ଥାପିକା ଏହି ତଥ୍ୟ ପ୍ରତି ସଚେତନ ଥିଲେ ଯେ ଯଦି ଏହା ସେହି ପଦବୀଧାରୀଙ୍କ ପ୍ରତି କୌଣସି ପ୍ରତିକୂଳ ପ୍ରଭାବ ପକାଇପାରେ ଯାହାଙ୍କ ବିରୋଧରେ ପ୍ରଥମ ଦୃଷ୍ଟିଗତ ମାମଲା ପଞ୍ଜିକୃତ ହୋଇଛି ଏବଂ ଯଦି କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପୂର୍ବରୁ କିମ୍ବା ତଦନ୍ତ କରିବା କିମ୍ବା ବିଭାଗୀୟ ତଦନ୍ତ ଆରମ୍ଭ କରିବା ଲାଗି କୌଣସି ସୁପାରିଶ କରାଯାଏ, ତେବେ ଲୋକାୟୁକ୍ତଙ୍କୁ ଅଧିନିୟମ୨୦୧୪ର ଧାରା ୨୦(୨) ଏବଂ ୨୦(୩) ଅଧୀନରେ ଉଲ୍ଲେଖ କରାଯାଇଥିବା ସରକାରୀ କର୍ମଚାରୀଙ୍କୁ ଶୁଣାଣି କରିବାର ସୁଯୋଗ ଦେବା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଲୋକାୟୁକ୍ତର କ୍ଷମତା ମଧ୍ୟରେ ପ୍ରାରମ୍ଭିକ ତଦନ୍ତ ଏବଂ ତଦନ୍ତ କରିବା ଲାଗି ଅଧ୍ୟାୟ-୭ ଅନ୍ତର୍ଗତ ଏକ ସମ୍ପୂର୍ଣ୍ଣ ଅନ୍ତର୍ନିର୍ମିତ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଛି। ଅଷ୍ଟମ ଅଧ୍ୟାୟରେ କେବଳ ପ୍ରାରମ୍ଭିକ ତଦନ୍ତ ଏବଂ ଅନୁସନ୍ଧାନ କରିବାର ଉଦ୍ଦେଶ୍ୟ ନିର୍ଦ୍ଧାରଣ କରାଯାଇନାହିଁ, ବରଂ ଏପରିକି ଅଧିନିୟମ ୨୦୧୪ର ଧାରା ୨୦ (4) ଅନୁଯାୟୀ ଅଭିଯୋଗପତ୍ର ପଞ୍ଜୀକରଣର ଏକ ପର୍ଯ୍ୟାୟ ।

୧୦. ବିଦ୍ୱାନ ଓକିଲ ଆହୁରି କହିଛନ୍ତି ଯେ ୧୧ ଡିସେମ୍ବର ୨୦୨୦ର ଆଦେଶ ଅନୁଯାୟୀ ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିବା ଲାଗି ଆବେଦନକାରୀଙ୍କ ଦ୍ୱାରା କୌଣସି ପ୍ରତିକୂଳ କିମ୍ବା ପ୍ରତିକୂଳାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା,ତେଣୁ ଏହି ପର୍ଯ୍ୟାୟରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅନ୍ତର୍ଗତ ନିଜର ଅଧିକାରର ପ୍ରୟୋଗ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା ହସ୍ତକ୍ଷେପ, ବୈଧ କିମ୍ବା ଯୁକ୍ତିଯୁକ୍ତ ନୁହେଁ।

୧୧. ଅନ୍ୟପକ୍ଷରେ, ପ୍ରତିବାଦୀମାନଙ୍କ ବିଦ୍ୱାନ ଓକିଲ ଦାଖଲ କରିଛନ୍ତି ଯେ, ଡିଏସପି, ଦୁର୍ନୀତି ନିବାରଣ ସେଲ, ଭୁବନେଶ୍ୱର, ୯ ଡିସେମ୍ବର, ୨୦୨୦ ମସିହାରେ ଏକ ଅଭିଯୋଗ କରିଥିଲେ, ଯିଏକି ଦୁର୍ନୀତିନିବାରଣ ନିର୍ଦ୍ଦେଶାଳୟ, କଟକ,ଓଡିଶା ର ଅଧିକାରୀ ଥିଲେ ଏବଂ ୧୧ ଡିସେମ୍ବର, ୨୦୨୦ରେ ପ୍ରାଥମିକ ତଦନ୍ତ କରିବା ଲାଗି ଓଡ଼ିଶା ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁ ନିଷ୍ପତି ପ୍ରାକୃତିକ ନ୍ୟାୟର ବିଧି ବ୍ୟବସ୍ଥା ର ବିରୋଧାଚାରଣ କରିଥିଲା,ଯେତେବେଳେ ଏହି ଅଭିଯୋଗ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଅଧିକାରୀ କରିଥିଲେ, ଅତି କମରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଅନ୍ୟ ଜଣେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ପ୍ରାଥମିକ ତଦନ୍ତ କରାଯିବା କଥା, ଯାହା କି ଆଇନତଃ ଅପ୍ରାସଙ୍ଗିକ ଥିଲା |ଏହି ବିଭାଗର ଅଧିକାରୀ 9 ଡିସେମ୍ବର, 2020ରେ ଏକ ଅଭିଯୋଗ କରିଛନ୍ତି ଏବଂ ଅନ୍ୟ ଅଧିକାରୀଙ୍କୁ ପ୍ରାରମ୍ଭିକ ତଦନ୍ତ କରିବାକୁ କୁହାଯାଇଛି ଯେ ଜଣେ ବ୍ୟକ୍ତି ନିଜ କାରଣ ପାଇଁ ବିଚାରପତି ହୋଇପାରିବେ ନାହିଁ ଏବଂ ଏହି କାରଣରୁ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ, ଲୋକାୟୁକ୍ତଙ୍କୁ ଲୋକାୟୁକ୍ତଙ୍କ ତଦନ୍ତ ଶାଖା ଦ୍ୱାରା ତଦନ୍ତ କରିବା ଲାଗି ଅନୁମତି ଦେଇଛନ୍ତି ଏବଂ ପ୍ରଶାସନିକ ପକ୍ଷପାତିତାକୁ ଦୁର୍ନୀତିନିବାରଣ ନିର୍ଦ୍ଦେଶାଳୟରୁ ବାଦ ଦିଆଯାଇ ପାରିବ ନାହିଁ।

୧୨. ବିଦ୍ୱାନ ଓକିଲ ପୁଣି କହିଛନ୍ତି, ଯେହେତୁ ପ୍ରତିବାଦୀମାନେ ଉପଯୁକ୍ତ ପ୍ରତିନିଧିତ୍ୱ କରୁଥିଲେ ଏବଂ ରାଜ୍ୟର ମହାଧିବକ୍ତା ରାଜ୍ୟ ଓକିଲଙ୍କ ସହିତ ଉପସ୍ଥିତ ଥିଲେ, ଆବେଦନକାରୀଙ୍କୁ ଶୁଣାଣିର ସୁଯୋଗ ପ୍ରଦାନ କରାଯାଇଥିଲା ଏବଂ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ତଥ୍ୟ ଏବଂ ପରିସ୍ଥିତି ଦ୍ୱାରା ଉଲ୍ଲଂଘନ କରଯାଇଛି, ଯାହା ଠିକ ନୁହେଁ ବୋଲି ଆବେଦନକାରୀ ପ୍ରାର୍ଥନା କରି କହିଥିଲେ |ଏହା ବ୍ୟତୀତ, ଉଚ୍ଚ ନ୍ୟାୟାଳୟଙ୍କର ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ୩ ଫେବ୍ରୁୟାରୀ ୨୦୨୧ ର ଆଦେଶରେ ଥିବା କୌଣସି ସ୍ୱଷ୍ଟ ଭୁଲ କୁ ଆବେଦନକାରୀ ଯଥାର୍ଥ ବୋଲି ଦର୍ଶାଇବାରେ ବିଫଳ ହେବାରୁ ପୁନର୍ବିଚାର ଆବେଦନକୁ ସିଧାସଳଖ ଭାବେ ଖାରଜ କରି ଦିଆଯାଇଥିଲା,ଯାହା ଆମର ହସ୍ତକ୍ଷେପ ଆବଶ୍ୟକ କରେ |

୧୩.   ସୂଚନାଯୋଗ୍ୟ ଯେ,୨୩ ଏପ୍ରିଲ,୨୦୨୧ରେ ଏହି କୋର୍ଟ ନୋଟିସ ଜାରି କରିବା ସମୟରେ ଏହି ଆକ୍ଷେପିତ ଆଦେଶର କାର୍ଯ୍ୟକାରିତା ଉପରେ ରୋକ ଲଗାଯାଇଥିଲା। ଏହି ଅଦାଲତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ଥଗିତ ଆଦେଶକୁ  ଆଗକୁ ବଢ଼ାଇବା ଲାଗି ସୂଚନା ଦିଆଯାଇଛି ଯେ, ଆବେଦନକାରୀ  ଆହୁରି ଆଗକୁ ବଢିଛନ୍ତି ଏବଂ ଅଧିକାରୀ ଶ୍ରୀ ପି. କେ. ନାୟକଙ୍କ ଦ୍ୱାରା ଲୋକାୟୁକ୍ତ ନିକଟରେ ୨୮ମେ, ୨୦୨୧ମସିହାରେ ଦାଖଲ କରାଯାଇଥିବା ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ପରେ ଏବଂ ଆବେଦନକାରୀଙ୍କୁ ଶୁଣାଣି କରିବାର ସୁଯୋଗ ପ୍ରଦାନ କରିବା ପରେ, ଲୋକାୟୁକ୍ତ ଦ୍ୱାରା ଧାରା ୨୦ (୩) (ଏ) ଅନ୍ତର୍ଗତ ୨୭ ସେପ୍ଟେମ୍ବର ,୨୦୨୧ ତାରିଖରେ ଏକ ବିସ୍ତୃତ ଆଦେଶ ଜାରି କରାଯାଇଥିଲା, ଯାହାକି ଭିଜିଲାନ୍ସ ନିର୍ଦ୍ଦେଶାଳୟକୁ ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।ଏହି ପରିପ୍ରେକ୍ଷୀରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ୭ ଜୁନ, ୨୦୨୨ରେ ଲୋକାୟୁକ୍ତଙ୍କୁ ଏକ ବିସ୍ତୃତ ତଦନ୍ତ ରିପୋର୍ଟ ପ୍ରଦାନ କରି କହିଥିଲେ ଯେ  ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ଏବଂ ଏହି ନ୍ୟାୟାଳୟଙ୍କ ର  ଆଦେଶ ପାଇବା ପାଇଁ ଅପେକ୍ଷା କରାଯାଇଛି, ଯାହାକି ମଧ୍ୟବର୍ତ୍ତୀକାଳିନ ଆବେଦନ ସଂଖ୍ୟା.୮୯୬୨୯/୨୦୨୨ ରେ ଦିଆଯାଇଥିବା ଆଦେଶରେ ସଂକେତ ଦିଆଯାଇଛି |

୧୪.  ଆମେ ପକ୍ଷମାନଙ୍କ ପାଇଁ ବିଦ୍ୱାନ ଓକିଲ ଙ୍କ  ପରାମର୍ଶକୁ ଶୁଣିଛୁ ଏବଂ ସେମାନଙ୍କ ସହାୟତାରେ  ରେକର୍ଡରେ ଉପଲବ୍ଧ ତଥ୍ୟକୁ  ଅନୁଧ୍ୟାନ କରିଛୁ।

୧୫.  ବର୍ତମାନର ଆବେଦନ ଗୁଡିକରେ  ଉଠାଯାଇଥିବା ପ୍ରଶ୍ନର ଅନୁଧ୍ୟାନ କରିବା ପୂର୍ବରୁ, ପ୍ରଥମେ ୨୦୧୪ ଅଧିନିୟମର ଯୋଜନା ବିପରୀତରେ ବିହଙ୍ଗାବଲୋକନ ହୋଇପାରେ |

୧୬.  ଜାନୁୟାରୀ ୨୦୧୫ ମସିହାରେ ରାଷ୍ଟ୍ରପତିଙ୍କ  ଅନୁମୋଦନ କ୍ରମେ, ଅଧିନିୟମ ୨୦୧୪, ଓଡିଶା ରାଜ୍ୟର ବ୍ୟବସ୍ଥାପିକା ଦ୍ୱାରା ପ୍ରଣୟନ କରାଯାଇ,ଏଥିରେ ଏକ ଉଦ୍ଦେଶ୍ୟ ସହିତ କୁହାଯାଇଛି ଯେ ସରକାରୀ କର୍ମଚାରୀଙ୍କ ବିରୋଧରେ ଆସୁଥିବା ଦୁର୍ନୀତି ଅଭିଯୋଗ ଏବଂ ଏହି ସମ୍ବନ୍ଧୀୟ କିଛି ଘଟଣାର ତଦନ୍ତ ପାଇଁ ଓଡିଶା ରାଜ୍ୟରେ ଏକ ସମ୍ପୂର୍ଣ ଲୋକାୟୁକ୍ତଙ୍କର ସ୍ଥାପନା କରାଯିବ |  ଏହି ଅଧିନିୟମ ଓଡ଼ିଶା ରାଜ୍ୟ ଭିତରେ ଏବଂ ବାହାରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀ ଏବଂ ଓଡ଼ିଶା ସରକାରଙ୍କ ନିୟନ୍ତ୍ରଣାଧୀନ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରଯୁଜ୍ୟ।

୧୭. ଏକ 'ଅଭିଯୋଗ' କୁ ଧାରା ୨୦(ଘ) ରେ ବର୍ଣ୍ଣନା କରାଯାଇଛି, ଏବଂ 'ପ୍ରାଥମିକ ତଦନ୍ତ' ଏବଂ 'ସରକାରୀ କର୍ମଚାରୀ' କୁ ନିମ୍ନଲିଖିତ ଭାବେ ଅଧିନିୟମ ୨୦୧୪, ଧାରା୨(୧) ଏବଂ ୨(n) ଦ୍ୱାରା ବର୍ଣ୍ଣନା କରାଯାଇଛି:-

"୨. (୧) ଏହି ଅଧିନିୟମରେ -ଯେପର୍ଯନ୍ତ ଅନ୍ୟଥା ପ୍ରସଙ୍ଗ ଆବଶ୍ୟକ କରେ ,-

(ଘ) "ଅଭିଯୋଗ" ର ଅର୍ଥ, ନିର୍ଦ୍ଧାରିତ ପ୍ରକ୍ରିୟା ଦ୍ୱାରା ହୋଇଥିବା ଏକ ଅଭିଯୋଗରେ ଏକ ସରକାରୀ କର୍ମଚାରୀ ଦୁର୍ନୀତି ନିବାରଣ ଅଧିନିୟମ, ୧୯୮୮ ଅଧୀନରେ କୌଣସି ଦଣ୍ଡନୀୟ ଅପରାଧ କରିଥାଏ |

......

(୧) "ପ୍ରାଥମିକତଦନ୍ତ" ର ଅର୍ଥ ଏହି ଅଧିନିୟମ ଅଧୀନରେ କରାଯାଇଥିବା ଏକ ତଦନ୍ତ:

.......

(ଚ) "ସରକାରୀ କର୍ମଚାରୀ" ର ଅର୍ଥ ଧାରା ୧୪ର ଉପଧାରା (୧) ର ଖଣ୍ଡ (କ) ରୁ (ଜ) ରେ ସୂଚାୟଦିଆଯାଇଥିବା ବ୍ୟକ୍ତି କିନ୍ତୁ ଏହା ସେନା ଅଧିନିୟମ, ୧୯୫୦, ବାୟୁସେନା ଅଧିନିୟମ, ୧୯୫୦, ନୌସେନା ଅଧିନିୟମ, ୧୯୫୭ ଏବଂ ତଟରକ୍ଷୀ ଅଧିନିୟମ, ୧୯୭୮ ଅଧୀନରେ କୌଣସି ନ୍ୟାୟାଳୟ ବା ଅନ୍ୟ ପ୍ରାଧିକାରୀଙ୍କ ଦ୍ୱାରା ଅଧିକାରିତା ପ୍ରୟୋଗ ଯୋଗ୍ୟ ହୋଇଥିବା କୌଣସି ସରକାରୀ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରୁନାହିଁ ଅଥବା ସେହି ଅଧିନିୟମ ଅଧୀନରେ ଏପରି ସରକାରୀ କର୍ମଚାରୀଙ୍କ ପ୍ରୟୋଗ କରାଯାଉଥିବା ପ୍ରକ୍ରିୟା;..."|

୧୮. ସପ୍ତମ ଅଧ୍ୟାୟରେ ପ୍ରାଥମିକ ତଦନ୍ତ ଏବଂ ଅନୁସନ୍ଧାନ ସମ୍ବନ୍ଧୀୟ ପ୍ରକ୍ରିୟା ନିର୍ଦ୍ଧାରଣ କରାଯାଇଛି, ଯାହାର ପ୍ରାସଙ୍ଗିକ ଅଂଶ ନିମ୍ନରେ ଦିଆଗଲା:

"୨୦. (୧)ଲୋକାୟୁକ୍ତ ଅଭିଯୋଗ ପାଇବା ପରେ ଯଦି ଆଗକୁ ଅଗ୍ରସର ହେବା ପାଇଁ ନିଷ୍ପତ୍ତି ନିଅନ୍ତି ତେବେ ଆଦେଶ ଦେଇପାରିବେ -

(କ) କୌଣସି ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ତାହାର ତଦନ୍ତ ଶାଖା ବା ସଂସ୍ଥା ଦ୍ୱାରା ପ୍ରାରମ୍ଭିକ ଯାଞ୍ଚ କରି ଏହା ସୁନିଶ୍ଚିତ କରିପାରିବେ ଯେ ଏହି ମାମଲାରେ ଅଗ୍ରସର ହେବା ପାଇଁ କୌଣସି ପ୍ରାଥମିକ ମାମଲା ଅଛି କି ନାହିଁ; ଅଥବା

(ଖ) ଯେକୌଣସି ଆଇନ ଅଧୀନରେ ତଦନ୍ତ କରିବାକୁ କ୍ଷମତାପ୍ରାପ୍ତ ସଂସ୍ଥା କିମ୍ବା ପ୍ରାଧିକାରୀଙ୍କ ଦ୍ୱାରା ତଦନ୍ତ କରିପାରିବେ, ଯେଉଁଠାରେ ପ୍ରଥମ ଦୃଷ୍ଟିଗତ ମାମଲା କିଛି ଥାଏ |

ପରନ୍ତୁ ଏହି ଖଣ୍ଡ ଅଧୀନରେ କୌଣସି ତଦନ୍ତ ର ଆଦେଶ କେବଳ ସେତେବେଳେ ଦିଆଯିବ ଯେତେବେଳେ ଲୋକାୟୁକ୍ତଙ୍କ ମତରେ ବିଦ୍ୟମାନ ଥିବା ଏକ ପ୍ରଥମ ଦୃଷ୍ଟିଗତ ମାମଲା ଯହିଁ ରେ ବାସ୍ତବ ତଥ୍ୟ କିଛି ଥାଏ ବା ସେହି ଅଭିଯୋଗ ସମ୍ବନ୍ଧରେ କୌଣସି ପ୍ରଥମ ଦୃଷ୍ଟିଗତ ମାମଲା ବିଦ୍ୟମାନ ରହିଛି ବୋଲି ପୂର୍ବ ବୈଧାନିକ ଅନୁସନ୍ଧାନ କିମ୍ବା ତଦନ୍ତ ଦ୍ୱାରା ପ୍ରକାଶ କରିଥାଏ |

ଅଧିକନ୍ତୁ ଏହି ଖଣ୍ଡ ଅଧୀନରେ ତଦନ୍ତ ଆଦେଶ ଦେବା ପୂର୍ବରୁ ଲୋକାୟୁକ୍ତ ସରକାରୀ କର୍ମଚାରୀଙ୍କ ବ୍ୟାଖ୍ୟାନ ଏବଂ କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ମତ ମାଗିବେ ଯଦ୍ଵାରା ଏହା ନିର୍ଦ୍ଧାରଣ କରାଯାଇ ପାରିବ ଯେ ତଦନ୍ତ ପାଇଁ କୌଣସି ପ୍ରାଥମିକ ମାମଲା ରହିଛି କି ନାହିଁ |

ଅଧିକନ୍ତୁ ଏହି ଖଣ୍ଡ ଅଧୀନରେ ତଦନ୍ତ ଆଦେଶର ନିଷ୍ପତି ଧାରା ୧୬ ଅଧୀନରେ ଅଧକ୍ଷଙ୍କ ଦ୍ଵାରା ଗଠିତ ଖଣ୍ଡପୀଠ ଦ୍ଵାରା ନିଆଯିବ |

(୨) ଉପ-ଧାରା (୧) ରେ ନିର୍ଦ୍ଦିଷ୍ଟ ପ୍ରାରମ୍ଭିକ ତଦନ୍ତ ସମୟରେ ତଦନ୍ତକାରୀ ଶାଖା କିମ୍ବା କୌଣସି ସଂସ୍ଥା ପ୍ରାରମ୍ଭିକ ତଦନ୍ତ କରିବ ଏବଂ ସଂଗୃହୀତ ସାମଗ୍ରୀ, ସୂଚନା ଏବଂ ଦସ୍ତାବିଜ ଆଧାରରେ ଅଭିଯୋଗରେ କରାଯାଇଥିବା ଅଭିଯୋଗ ଉପରେ ସରକାରୀ କର୍ମଚାରୀ ଏବଂ କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ଠାରୁ ମତାମତ ଲୋଡ଼ିବ ଏବଂ ସମ୍ପୃକ୍ତ ସରକାରୀ କର୍ମଚାରୀ ଏବଂ କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ମତାମତ ଗ୍ରହଣ କରିବା ପରେ ବିଚାରାଦେଶ ପାଇବା ଦିନଠାରୁ ୬୦ ଦିନ ମଧ୍ୟରେ ଲୋକାୟୁକ୍ତଙ୍କୁ ଏକ ବିବୃତି ପ୍ରଦାନ କରିବେ ।

(୩) ଲୋକାୟୁକ୍ତର ଅନ୍ୟୁନ ତିନି ଜଣ ସଦସ୍ୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଅନୁସନ୍ଧାନକାରୀ ଶାଖା ବା କୌଣସି ସଂସ୍ଥା ଦ୍ଵାରା ଉପଖଣ୍ଡ (୨) ଅଧୀନରେ ପ୍ରାପ୍ତ ପ୍ରତ୍ୟେକ ବିବୃତିକୁ ବିଚାର କରିବେ ଏବଂ ସରକାରୀ କର୍ମଚାରୀଙ୍କୁ ଶୁଣାଣି କରିବାର ସୁଯୋଗ ପ୍ରଦାନ କରିବା ପରେ ପ୍ରଥମ ଦୃଷ୍ଟିଗତ ମାମଲା ଅଛି କି ନାହିଁ ତାହା ନିର୍ଦ୍ଧାରଣ କରିବେ ଏବଂ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ କାର୍ଯ୍ୟରେ ଅଗ୍ରସର ହେବା ପାଇଁ ସୁପାରିଶ କରିବେ, ଯଥା:

(କ) ଯେକୌଣସି ସଂସ୍ଥା ଦ୍ଵାରା କରାଯାଉଥିବା ତଦନ୍ତ (ଯେକୌଣସି ବିଶେଷ ତଦନ୍ତକାରୀ ପ୍ରତିନିଧି କର୍ଯ୍ୟାଳୟ ସମେତ)

(ଖ) କ୍ଷମତାସମ୍ପନ୍ନ ଅଧିକାରୀଙ୍କ ଦ୍ଵାରା ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା କିମ୍ବା ଅନ୍ୟ କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା

(ଗ) ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟବାହୀ ବନ୍ଦ କରିବା ଏବଂ ଧାରା ୪୬ ଅଧୀନରେ ଅଭିଯୋଗକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା.

(୪) ଧାରା ୧୪ର ଉପଧାରା (୧) ର ଖଣ୍ଡ (ଇ) ରୁ (ଏଚ) ରେ ଉଲ୍ଲିଖିତ ସରକାରୀ କର୍ମଚାରୀଙ୍କ ପଦୋନ୍ନତି ଏବଂ ଅନ୍ୟାନ୍ୟ ସେବା ଲାଭ ସେପର୍ଯ୍ୟନ୍ତ ପ୍ରଭାବିତ ହେବ ନାହିଁ ଯେପର୍ଯ୍ୟନ୍ତ କି ଧାରା ୩୨ ଅନ୍ତର୍ଗତ ଲୋକାୟୁକ୍ତ ସୁପାରିଶ ଉପରେ ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇନାହିଁ କିମ୍ବା ଉପ ଧାରା (୩) ର ଉପଧାରା (କ) ଅନ୍ତର୍ଗତ ତଦନ୍ତ ଶେଷ ହେବା ପରେ ଅଭିଯୋଗପତ୍ର ଦାଖଲ କରାଯାଇନାହିଁ କିମ୍ବା ଉପ-ଧାରା (୩) ର ଖଣ୍ଡ (ଖ)ଅନ୍ତର୍ଗତ ଲୋକାୟୁକ୍ତ ସୁପାରିସ ଉପରେ ଆରମ୍ଭ କରାଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟରେ ଉକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ସ୍ମାରକ ଜାରି କରାଯାଇନାହିଁ।

(୫) ଉପ-ଧାରା (୧) ଦ୍ଵାରା ପ୍ରତ୍ୟେକ ପ୍ରାରମ୍ଭିକ ତଦନ୍ତ ସାଧାରଣତଃ ୯୦ ଦିନ ମଧ୍ୟରେ ସମ୍ପୂର୍ଣ ହେବ ଉଚିତ ଏବଂ ଲିଖିତ ଭାବେ କାରଣ ଦର୍ଶାଇ ଅଭିଯୋଗ ପ୍ରାପ୍ତିର ଅତିରିକ୍ତ ୯୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ।

(୬) ଯଦି ଲୋକାୟୁକ୍ତ ଅଭିଯୋଗ ଉପରେ ତଦନ୍ତ କରିବା ପାଇଁ ନିଷ୍ପତ୍ତି ନିଅନ୍ତି ତେବେ ସେ ଲିଖିତ ଆଦେଶ ଦ୍ବାରା ଯେକୌଣସି ତଦନ୍ତକାରୀ ସଂସ୍ଥା କୁ (କୌଣସି ସ୍ଵତନ୍ତ୍ର ସଂସ୍ଥା ସମେତ) ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବେ ଏବଂ ଆଦେଶ ଦିଆଯିବା ତାରିଖରୁ ଛଅ ମାସ ମଧ୍ୟରେ ଯଥାସମ୍ଭବ ତଦନ୍ତ ଶେଷ କରିବେ |

ପରନ୍ତୁ ଲୋକାୟୁକ୍ତ ଲିଖିତ ଭାବେ କାରଣ ଦର୍ଶାଇ ଉକ୍ତ ଅବଧିକୁ ଗୋଟିଏ ସମୟରେ ପୁନଃ ୬ ମାସ ପର୍ଯ୍ୟନ୍ତ ଏବଂ ସର୍ବାଧିକ ୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ।

(୭) ଫୌଜଦାରୀ ପ୍ରକ୍ରିୟା ସଂହିତା, ୧୯୭୩ ର ଧାରା ୧୭୩ ରେ ଯାହା କିଛି ଲେଖା ଅଛି, କୌଣସି ତଦନ୍ତକାରୀ ସଂସ୍ଥା (କୌଣସି ସ୍ୱତନ୍ତ୍ର ସଂସ୍ଥା ସମେତ) ଲୋକାୟୁକ୍ତଙ୍କ ଦ୍ୱାରା ଦର୍ଶାଯାଇ ପଠାଯାଇଥିବା ପ୍ରତ୍ୟକ ମାମଲାର ତଦନ୍ତ ରିପୋର୍ଟ ଲୋକାୟୁକ୍ତଙ୍କୁ ପ୍ରଦାନ କରିବେ।

(୮) ଲୋକାୟୁକ୍ତର ଅନ୍ୟୁନ ତିନି ଜଣ ସଦସ୍ୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଯେକୌଣସି ତଦନ୍ତକାରୀ ସଂସ୍ଥା (କୌଣସି ସ୍ୱତନ୍ତ୍ର ସଂସ୍ଥା ସମେତ) ଠାରୁ ଉପଧାରା (୭) ଅଧୀନରେ ମିଳିଥିବା ପ୍ରତ୍ୟେକ ବିବୃତିକୁ ବିଚାର କରିବେ ଏବଂ ନିମ୍ନଲିଖିତ ନିଷ୍ପତ୍ତି ନେଇପାରିବେ –

(କ) ସରକାରୀ କର୍ମଚାରୀଙ୍କ ବିରୋଧରେ ସ୍ୱତନ୍ତ୍ର ନ୍ୟାୟାଳୟରେ ଅଭିଯୋଗପତ୍ର ବା ସମାପ୍ତ ବିବୃତି ଦାଖଲ କରିବା;

(ଖ) କ୍ଷମତାସମ୍ପନ୍ନ ପ୍ରାଧିକାରୀଙ୍କ ଦ୍ୱାରା ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କିମ୍ବା ଅନ୍ୟ କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା |

(୯)ଲୋକାୟୁକ୍ତ, ଅଭିଯୋଗପତ୍ର ଦାଖଲ କରିବା ଉପରେ ଉପ-ଧାରା (୮) ଅଧୀନରେ ନିଷ୍ପତ୍ତି ନେବା ପରେ କୌଣସି ତଦନ୍ତକାରୀ ସଂସ୍ଥା (କୌଣସି ସ୍ୱତନ୍ତ୍ର ସଂସ୍ଥା ସମେତ) ଦ୍ୱାରା ତଦନ୍ତ କରାଯାଉଥିବା ମାମଲାରେ ସ୍ୱତନ୍ତ୍ର ଅଦାଲତରେ ଅଭିଯୋଜନ ଆରମ୍ଭ କରିବା ଲାଗି ନିଜର ଅଭିଯୋଜନ ଶାଖାକୁ ନିର୍ଦ୍ଦେଶ ଦେଇପାରିବେ।

୧୯. ଧାରା ୨୦ ଏକ ତିଆରି ହୋଇଥିବା ଯନ୍ତ୍ରକ୍ରିୟା,ଯେଉଁଥିରେ ପ୍ରାଥମିକ ତଦନ୍ତ ଏବଂ ଅନୁସନ୍ଧାନ କରିବାର ସମସ୍ତ ପ୍ରକ୍ରିୟାକୁ ଅନୁସରଣ କରାଯାଇଥାଏ ଯାହା, ବସ୍ତୁତଃ, ଲୋକାୟୁକ୍ତ ଅଭିଯୋଗ ପାଇବା ପରେ ଏହି ମାମଲାରେ ଆଗେଇବା ପାଇଁ, ଏହାର ପ୍ରତ୍ୟକ୍ଷତା ନିରୂପଣ କରିବା ଅର୍ଥେ ତଦନ୍ତ ଶାଖା କିମ୍ବା କୌଣସି ସଂସ୍ଥା ଦ୍ୱାରା ସରକାରୀ କର୍ମଚାରୀଙ୍କ ବିରୋଧରେ ପ୍ରାରମ୍ଭିକ ତଦନ୍ତ କରିବା ଲାଗି ଆଦେଶ ଦେଇପାରିବେ, କିମ୍ବା କୌଣସି ଆଇନ ଅଧୀନରେ କ୍ଷମତାପ୍ରାପ୍ତ କୌଣସି ସଂସ୍ଥା କିମ୍ବା ପ୍ରାଧିକାରୀଙ୍କ ଦ୍ୱାରା ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇପାରିବେ, ଯିଏକି ଆପାତତଃ ପ୍ରାଥମିକ ଦୃଷ୍ଟୀଗତ ମାମଲା ବୋଲି ସନ୍ତୋଷ ବ୍ୟକ୍ତ କରିପାରିବେ |

୨୦. ଉପଧାରା (୨), (୩) ଏବଂ (୪)ରେ ସେହି ପ୍ରକ୍ରିୟାର ବ୍ୟବସ୍ଥା କରାଯାଇଛି ଯାହାକୁ କି ତଦନ୍ତ ଶାଖା କିମ୍ବା କୌଣସି ସଂସ୍ଥା ଦ୍ୱାରା ଅନୁସରଣ କରାଯିବ ଯେଉଁଥିରେ ଏହି ମାମଲାରେ ଆଗକୁ ବଢ଼ିବା ଲାଗି ପ୍ରଥମ ଦୃଷ୍ଟୀଗତ ମାମଲା ରହିଛି କି ନାହିଁ ତାହା ସୁନିଶ୍ଚିତ କରିବା ଲାଗି କୁହାଯାଇଛି।ଏହି ବିବୃତି କୁ ଲୋକାୟୁକ୍ତଙ୍କର ତିନି ଜଣ ସଦସ୍ୟଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଉପଧାରା (୨) ଆଧାରରେ ବିଚାର କରିବା ପାଇଁ ଉପସ୍ଥାପନ କରାଯାଇଥାଏ ଏବଂ ସରକାରୀ କର୍ମଚାରୀଙ୍କୁ ଶୁଣାଣି କରିବାର ସୁଯୋଗ ପ୍ରଦାନ କରିବା ପରେ, ସରକାରୀ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଉପଧାରା (୩) ର ଖଣ୍ଡ (କ), (ଖ) କିମ୍ବା (ଗ) ରେ ଦିଆଯାଇଥିବା ବ୍ୟବସ୍ଥା ଅନୁଯାୟୀ ଗୋଟିଏ କିମ୍ବା ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସୁପାରିଶ କରିଯାଇ ପାରେ। ଉପଧାରା

(୫) ରେ ପ୍ରାରମ୍ଭିକ ତଦନ୍ତ ଶେଷ ପାଇଁ ୯0 ଦିନର ସମୟ ନିର୍ଦ୍ଧାରଣ କରାଯାଇଛି । ଉପଧାରା (୬) ରେ ଯଥାଶୀଘ୍ର  ତଦନ୍ତ କରିବା ଏବଂ ୬ ମାସ ମଧ୍ୟରେ ତଦନ୍ତ ସମ୍ପୂର୍ଣ୍ଣ କରିବା ଲାଗି ପଦକ୍ଷେପ ନେବାର ବ୍ୟବସ୍ଥା ରହିଛି। ଉପଧାରା (୭) ଅନୁଯାୟୀ, ଅପରାଧ ପ୍ରକ୍ରିୟା ସଂହିତା, ୧୯୭୩ର ଧାରା ୧୭୩ରେ ଯାହା କିଛି ବ୍ୟବସ୍ଥା ଥାଉନା କାହିଁକି, ତଦନ୍ତକାରୀ ସଂସ୍ଥା ଲୋକାୟୁକ୍ତଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିପାରିବ । ଉପଧାରା (୮) ଏବଂ (୯) ରେ ଦର୍ଶଯାଇଛି ଯେ  ପୁନଃ କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତକାରୀ ସଂସ୍ଥା ନିଜର ରିପୋର୍ଟ ଦାଖଲ କରିବା ପରେ  ତଦନ୍ତକାରୀ ସଂସ୍ଥା ସମସ୍ତ  ପ୍ରକ୍ରିୟା  ପାଳନ କରିବାର ବ୍ୟବସ୍ଥା ରହିଛି।

୨୧. ଅଷ୍ଟମ ଅଧ୍ୟାୟରେ ଲୋକାୟୁକ୍ତଙ୍କ କ୍ଷମତା ବିଷୟରେ ବର୍ଣ୍ଣନା କରାଯାଇଛି | ଧାରା ୨୫ ଅନୁଯାୟୀ, ରାଜ୍ୟ ଦୁର୍ନୀତିନିବାରଣ ଏବଂ ଅପରାଧ ଶାଖା ସମେତ ତଦନ୍ତକାରୀ ସଂସ୍ଥା  ଯାହାକୁ ତଦନ୍ତ କରିବାର ଦାୟୀତ୍ୱ ନିକ୍ଷେପ କରାଯାଇଛି ,ତାଙ୍କ ଉପରେ ଅଧୀକ୍ଷଣ ଏବଂ ନିର୍ଦ୍ଦେଶ ଦେବାର କ୍ଷମତା ଲୋକାୟୁକ୍ତଙ୍କୁ ପ୍ରଦାନ କରାଯାଇଛି।

୨୨. ଧାରା ୨୭ ସ୍ୱଷ୍ଟ କରେ ଯେ କୌଣସି ପ୍ରାରମ୍ଭିକ ତଦନ୍ତ ଉଦ୍ଦେଶ୍ୟରେ ଲୋକାୟୁକ୍ତଙ୍କର  ତଦନ୍ତ ଶାଖା ଦେୱାନୀ ପ୍ରକ୍ରିୟା ସଂହିତା, ୧୯୦୮ ଅନୁଯାୟୀ ଦେୱାନୀ ନ୍ୟାୟାଳୟର କ୍ଷମତା ହାସଲ କରିଥାଏ ଏବଂ ଲୋକାୟୁକ୍ତଙ୍କ ପାଖରେ କୌଣସି  କାର୍ଯ୍ୟାନୁଷ୍ଠାନ ଭାରତୀୟ ଦଣ୍ଡ ସଂହିତା, ୧୮୬୦ର ଧାରା ୧୯୩ ଅନୁଯାୟୀ ଏକ ନ୍ୟାୟିକ ପ୍ରକ୍ରିୟା ଭାବେ ବିବେଚିତ ହେବ ।

୨୩. ଧାରା ୨୮ ଲୋକାୟୁକ୍ତଙ୍କୁ କୌଣସି ପ୍ରାରମ୍ଭିକ ତଦନ୍ତ କିମ୍ବା ତଦନ୍ତ କରିବା ଏବଂ ସରକାରଙ୍କ କୌଣସି ଅଧିକାରୀ କିମ୍ବା ସଂସ୍ଥା କିମ୍ବା ତଦନ୍ତକାରୀ ସଂସ୍ଥା ସେବାର ଉପଯୋଗ କରିବା ଲାଗି କ୍ଷମତା ପ୍ରଦାନ କରିଥାଏ।

୨୪. ବାସ୍ତବରେ ଏହି ଅଧିନିୟମ ଏକ ସମ୍ପୂର୍ଣ୍ଣ ସଂହିତା, ଯେଉଁଥିରେ ଲୋକାୟୁକ୍ତ ଅଧିନିୟମ, ୨୦୧୪ ଅଧୀନରେ ରାଜ୍ୟ ଓ ପ୍ରାନ୍ତୀୟ କ୍ଷେତ୍ରାଧିକାରରେ କାର୍ଯ୍ୟରତ ଓଡିଶା ରାଜ୍ୟର ସରକାରୀ କର୍ମଚାରୀ ଏବଂ ଓଡ଼ିଶା ସରକାରଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଆସୁଥିବା ଦୁର୍ନୀତିମୂଳକ ଅଭିଯୋଗ ଏବଂ ଏହିପରି କିଛି ଅଭିଯୋଗର  ତୁରନ୍ତ କର୍ଯାନୁଷ୍ଠାନ ଗ୍ରହଣ କରିବାର ଅଧିକାର ରହିଛି।

୨୫.  ଭୁବନେଶ୍ୱରରେ ଦୁର୍ନୀତି ନିବାରଣ  ସେଲ ୟୁନିଟର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ଶ୍ରୀ ରଞ୍ଜନ କୁମାର ଦାସ କୌଣସି ଆଗ୍ରହୀ  ବ୍ୟକ୍ତି ନୁହନ୍ତି ବରଂ ଏକ ସୂଚନା ପ୍ରଦାନକାରୀ ଭାବେ ପ୍ରଥମ ପ୍ରତିବାଦୀ ଙ୍କ ବିରୋଧରେ (ଗୋପାଳପୁର ନିର୍ବାଚନ ମଣ୍ଡଳୀ ର ବିଧାୟକ) ଓଡ଼ିଶା ଲୋକାୟୁକ୍ତଙ୍କ ନିକଟରେ ଆୟ ବହିର୍ଭୂତ ସମ୍ପତ୍ତି ଅଧିକାର ଏବଂ ଜାଣିଶୁଣି ବେଆଇନ ଭାବେ ନିଜକୁ  ସମୃଦ୍ଧ କରିବା ସଂକ୍ରାନ୍ତରେ ଏକ ଅଭିଯୋଗ ଦାଖଲ କରିଥିଲେ ଯେ ଜଣେ ବ୍ୟକ୍ତିବିଶେଷ ବେଆଇନ ଭାବେ ବିଭିନ୍ନ ପ୍ରକାରର ଅଭ୍ୟାସ ଆପଣାଉଛନ୍ତି। ଉପରୋକ୍ତ ଅଭିଯୋଗ ପାଇବା ପରେ ଆବେଦନକାରୀ, କଟକ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟକୁ ୧୧ ଡିସେମ୍ବର, ୨୦୨୦ ର ଏକ ଆଦେଶ ଜରିଆରେ ଅଧିନିୟମ, ୨୦୧୪ ର ଧାରା ୨୦ (୧) ଅନ୍ତର୍ଗତ ତାଙ୍କ ଅଧିକାରର ପ୍ରୟୋଗ କରି ପ୍ରଥମ ପ୍ରତିବାଦୀଙ୍କ ବିରୋଧରେ ପ୍ରାଥମିକ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାଥମିକ ତଦନ୍ତ ପାଇଁ   କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପୂର୍ବରୁ ପ୍ରଥମ ପ୍ରତିବାଦୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ରିଟ ଆବେଦନ ଦାଖଲ କରାଯାଇଥିଲା ଏବଂ ପ୍ରଥମ ପର୍ଯ୍ୟାୟରେ ହାଇକୋର୍ଟ ଆବେଦନକାରୀଙ୍କୁ ଶୁଣାଣି କରିବାର ସୁଯୋଗ ନଦେଇ  ଆବେଦନକାରୀଙ୍କ ଦ୍ୱାରା ପ୍ରାଥମିକ ତଦନ୍ତ ପାଇଁ ୧୧ ଡିସେମ୍ବର, ୨୦୨୦ରେ  ପାରିତ ଆଦେଶକୁ ଅଗ୍ରାହ୍ୟ କଲେ । ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠଙ୍କ କାର୍ଯ୍ୟାନୁଷ୍ଠାନ ବାସ୍ତବରେ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତର ଉଲ୍ଲଂଘନ ଥିଲା।

୨୬.  ପ୍ରାକୃତିକ ନ୍ୟାୟର ନିୟମର ଉଦ୍ଦେଶ୍ୟ ହେଉଛି ନ୍ୟାୟ ସୁନିଶ୍ଚିତ କରିବା ନା ଏହାକୁ ନକାରାତ୍ମକ ଭାବେ କହିବା, ଏହି ନିୟମ କେବଳ ସେହି କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିବ ଯାହା ବୈଧଭାବେ ପ୍ରଣିତ କୌଣସି ଆଇନ ଅଧୀନରେ ଆସେନାହିଁ । ବାସ୍ତବରେ ସମୟକ୍ରମେ   ପ୍ରାକୃତିକ ନ୍ୟାୟର ପରିକଳ୍ପନାର, ପରିବର୍ତ୍ତନ ଆସିଛି, କିନ୍ତୁ ତଥାପି ସମୟ ପରୀକ୍ଷିତ ନିୟମ ଯଥା, (୧) ନିଜ ମାମଲାରେ କେହି ବିଚାରପତି ହେବେ ନାହିଁ (ନିମୋ ଡେବେଟ୍ ଏସ୍ସେ ଜୁଡେକ୍ସ ପ୍ରୋପ୍ରିଆ କଜା) ଏବଂ (୨) କୌଣସି ପକ୍ଷଙ୍କୁ ଶୁଣାଣିର ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ ନକରି ତାଙ୍କ ବିରୋଧରେ କୌଣସି ନିଷ୍ପତ୍ତି ଦିଆଯିବ ନାହିଁ (ଅଡି ଅଲଟେରମ ପାରଟେମ) ଅଦ୍ୟାପି ରହିଛି  ।ଏହା ସହିତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ  ବିନା ପକ୍ଷପାତରେ ଏବଂ ମନମୁଖୀ କିମ୍ବା ଅଯୌକ୍ତିକ ନହୋଇ ଉତ୍ତମ ବିଶ୍ୱାସର  ସହିତ ହେବ ଆବଶ୍ୟକ |

୨୭. ପ୍ରଥମତଃ, ୧୧ଡିସେମ୍ବର ୨୦୨୦ ମସିହାରେ ଆବେଦନକାରୀଙ୍କର ପ୍ରଥମ ପ୍ରତିବାଦୀଙ୍କ ବିରୋଧରେ ପ୍ରାଥମିକ ତଦନ୍ତ କରାଇବାର ଆଦେଶକୁ ୦୩ଫେବ୍ରୁୟାରୀ ୨୦୨୧ମସିହାର ଆଦେଶରେ ଅଧିନିୟମ ୨୦୧୪ ଧାରା ୨୦(୧) ଅଧୀନରେ କ୍ଷମତା ପ୍ରୟୋଗ କରି ଅଗ୍ରାହ୍ୟ କରିବା ଉଚ୍ଚନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ଏକ ସ୍ୱଷ୍ଟ ତୃଟି, ଯେଉଁଥିରେ ପ୍ରାକୃତିକ ନ୍ୟାୟର ମୂଳ ବ୍ୟବସ୍ଥାର ଉଲଂଘନ ହେଉଛି |

୨୮. ଏପରିକି ଯୋଗ୍ୟତା ଆଧାରରେ ମଧ ଦୁଇଜଣିଆ ଖଣ୍ଡପୀଠ ଅଧିନିୟମ ୨୦୧୪ର ଧାରା୨୦ (୧) କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛନ୍ତି, ଯାହାକି ଅଭିଯୋଗ ପାଇବା ପରେ ଲୋକାୟୁକ୍ତଙ୍କୁ କ୍ଷମତା ପ୍ରଦାନ କରିଥାଏ, ସ୍ୱଷ୍ଟ ଅଭିଲେଖନ ତୃପ୍ତି ସହିତ ବିବେକାନୁମୋଦିତ ଅଭିପ୍ରାୟ ଦ୍ୱାରା ତଦନ୍ତ ପ୍ରକ୍ରିୟା କୁ ତ୍ୱରାନ୍ୱିତ୍ୱ କରାଯାଇପାରେ ,ଏହାର ତଦନ୍ତ ଶାଖା କିମ୍ବା ଅନ୍ୟ କୌଣସି ସଂସ୍ଥା ମାଧ୍ୟମରେ ଏକ ସରକାରୀ କର୍ମଚାରୀ ଙ୍କ ବିରୋଧରେ ମଧ ପ୍ରାଥମିକ ତଦନ୍ତ କରାଇ କୌଣସି ପ୍ରଥମ ଦୃଷ୍ଟିଗତ ମାମଲା ରହିଛି କି ନାହିଁ ତାହାକୁ ସୁନିଶ୍ଚିତ କରି ଯେକୌଣସି ଆଇନ ଅଧୀନରେ ଥିବା ସଂସ୍ଥା କିମ୍ବା କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇ ପାରିବେ |

୨୯. ଯେତେଦୂର ଏ ଶବ୍ଦ 'ଯେକୌଣସି ସଂସ୍ଥା' ସମ୍ପୃକ୍ତ, ଅଧ୍ୟାୟ ୮ ଧାରା ୨୫, ସ୍ୱଷ୍ଟ ଭାବରେ ପ୍ରତିପାଦନ କରେ କି ଲୋକାୟୁକ୍ତଙ୍କୁ ଅଧିକ୍ଷଣ କରିବାର କ୍ଷମତା ପ୍ରଦାନ କରାଯାଇଛି ,ଯଦ୍ୱାରା ରାଜ୍ୟ ଦୁର୍ନୀତି ନିବାରଣ ଏବଂ ଅପରାଧ ଶାଖା ସମେତ କୌଣସି ସଂସ୍ଥାକୁ ଆବଶ୍ୟକ ସ୍ଥଳେ ଉପଯୋଗ କରି ପାରିବେ |

୩୦. ସେହିପରି ଧାରା 28 ଅନୁଯାୟୀ, କୌଣସି ପ୍ରାରମ୍ଭିକ ତଦନ୍ତ କିମ୍ବା ତଦନ୍ତ କରିବା ଉଦ୍ଦେଶ୍ୟରେ, ଲୋକାୟୁକ୍ତ ସରକାରଙ୍କ କୌଣସି ଅଧିକାରୀ କିମ୍ବା ସଂଗଠନ କିମ୍ବା ତଦନ୍ତକାରୀ ସଂସ୍ଥା ସେବାକୁ ବ୍ୟବହାର କରିପାରିବେ ଏବଂ ଏହି ପରିସ୍ଥିତିରେ, ଯଦି ଆବେଦନକାରୀ ତାର ବିଚାର ବିଚକ୍ଷଣତା ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତି ଆଧାରରେ, ସରକାରଙ୍କ ଏକ ସଂସ୍ଥା ଜରିଆରେ ପ୍ରାରମ୍ଭିକ ତଦନ୍ତ କରିଥାଏ, ଯାହାର ସନ୍ଦର୍ଭ କଟକ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ ଜରିଆରେ ଧାରା ୨୮ ଅନ୍ତର୍ଗତ କରାଯାଇଛି, ତେବେ ପ୍ରାରମ୍ଭିକ ତଦନ୍ତ କରିବା ଲାଗି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଆବେଦନକାରୀ ଦ୍ୱାରା କୌଣସି ଆଇନଗତ ତ୍ରୁଟି ପରିଲକ୍ଷିତ ହୋଇନଥାଏ, ଯାହା ଆମ ଦୃଷ୍ଟିରେ, ଅଧିନିୟମ ୨୦୧୪ ର ଧାରା୨୦(୧) ର ପରିସର ଏବଂ ପରିଧି ମଧ୍ୟରେ ଥିଲା ଏବଂ ଆବେଦନକାରୀଙ୍କ ୧୧ ଡିସେମ୍ବର ୨୦୨୦ମସିହାର ପ୍ରଥମ ପ୍ରତିବାଦୀଙ୍କ ବିରୋଧରେ ତଦନ୍ତ କରାଇବାର ଆଦେଶକୁ ଅଗ୍ରାହ୍ୟ କରି, ଉଚ୍ଚନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଏକ ସ୍ୱଷ୍ଟ ତୃଟି କରିଛନ୍ତି |

୩୧.  ଏହା ପ୍ରତିବାଦି ମାନଙ୍କର ମାମଲା ନୁହେଁ ଯେ ପ୍ରଥମ ପ୍ରତିବାଦି  ଜଣେ ସରକାରୀ କର୍ମଚାରୀ ନୁହଁନ୍ତି କିମ୍ବା ଅଧିନିୟମ ୨୦୧୪ ତାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ କିମ୍ବା  ଲୋକାୟୁକ୍ତ ତାଙ୍କ ନିଜ କ୍ଷେତ୍ରାଧିକାର ରେ , ଅଧିନିୟମ ୨୦୧୪ର ଧାରା ୨୦ (୧) ଅଧୀନରେ ପ୍ରାରମ୍ଭିକ ତଦନ୍ତ କରିବା ପାଇଁ କ୍ଷମ ନଥିଲେ |ଦିଆଯାଇଥିବା ତଥ୍ୟ ଏବଂ ପରିସ୍ଥିତି, ସିଦ୍ଧାନ୍ତ କୁ ଉଚ୍ଚନ୍ୟାୟାଳୟ ଆକ୍ଷେପିତ ରାୟ ଦ୍ୱାରା ଗ୍ରହଣ କରିନାହାନ୍ତି, ଯାହା ଆମ ମତରେ ଆଇନତଃ ପୋଷଣୀୟ ନୁହେଁ |

୩୨.  ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସୂଚନା ଅନୁଯାୟୀ, ୩ ଫେବୃଆରୀ,୨୦୨୧ ମସିହାର ଆକ୍ଷେପିତ ରାୟ ଉପରେ ରୋକ ଲଗାଇବା ପରେ ଆବେଦନକାରୀ ପୁନଃ ତଦନ୍ତ କରାଇବାପାଇଁ ଅଗ୍ରସର ହୋଇଛନ୍ତି  ଏବଂ ଦୁର୍ନୀତିନିବାରଣ  ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟପ୍ରକ୍ରିୟା କରାଯାଇ  ଲୋକାୟୁକ୍ତଙ୍କ  ନିକଟରେ ଧାରା ୨୦ (୩) (ଏ) ଅଧୀନରେ ଏକ ପ୍ରାଥମିକ ତଦନ୍ତ ରିପୋର୍ଟ ଦାଖଲ କରି ତଦନ୍ତ କରିବା ପାଇଁ କୁହାଯାଇଛି ଏବଂ ଦୁର୍ନୀତିନବାରଣ ନିର୍ଦ୍ଦେଶାଳୟ ଦ୍ୱାରା କାର୍ଯ୍ୟାନୁଷ୍ଠାନ କରାଯାଇ ୭ ଜୁନ ୨୦୨୨ ମସିହାରେ ଆବେଦନକାରୀଙ୍କୁ ତଦନ୍ତ ବିବୃତି ପ୍ରଦାନ କରାଯାଇଛି |

୩୩. ଯଦିଓ ଏହି କୋର୍ଟଙ୍କ ଦ୍ୱାରା ଆଦେଶରେ ରୋକ୍ ଲଗାଯାଇଥିବା ସମୟରେ ପରବର୍ତ୍ତୀ ପଦକ୍ଷେପ ନେବାରେ ଆବେଦନକାରୀଙ୍କ ପଦକ୍ଷେପକୁ ଆମେ ପସନ୍ଦ କରିପାରିବୁ ନାହିଁ, କିନ୍ତୁ ଏହା ସହିତ ଆମେ ପ୍ରତିବାଦୀଙ୍କୁ ମଧ୍ୟ ସୁଯୋଗ ଦେଇଛୁ ଯେ ଯଦି ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଆଇନର ଅଧିନିୟମ୨୦୧୪ର ନିର୍ଦ୍ଦେଶ ଅନୁରୂପ ନୁହେଁ,ତାହାର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଆମ ସମ୍ମୁଖରେ ରଖାଯାଇଥିବା ଲିଖିତ ନିବେଦନରୁ, ପ୍ରତିବାଦୀମାନଙ୍କ ଦ୍ୱାରା କୌଣସି ଯୁକ୍ତିଯୁକ୍ତ ଆପତ୍ତି ଆମେ ପାଇ ନାହୁଁ ଯାହା ଏହି ନ୍ୟାୟାଳୟକୁ ୧୧ ଡିସେମ୍ବର ୨୦୨୦ ମସିହାର ଆଦେଶ ଦ୍ୱାରା  ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବା ପରେ ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଆହୁରି ଆଗକୁ ନେବାରେ ପୁନଃ ହସ୍ତକ୍ଷେପ କରିବା ପାଇଁ ଆହ୍ୱାନ କରିପାରେ । ତଥାପି ଆମେ ଏହାକୁ ପ୍ରଥମ ପ୍ରତିବାଦୀଙ୍କ  ପାଇଁ ଉନ୍ମୁକ୍ତ ରଖିଛୁ, ଯଦି ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆଇନ ଅନୁରୂପ ନହୁଏ, ତେବେ ସେ ଆଇନ ଅଧୀନରେ ତାଙ୍କ ପାଇଁ ଗ୍ରହଣୀୟ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସ୍ୱାଧୀନ ଅଟନ୍ତି ।

୩୪. ପ୍ରତିବାଦୀମାନେ ଏହି କାରଣରୁ ପ୍ରାଥମିକ ତଦନ୍ତ ରେ ପକ୍ଷପାତିତା ହୋଇଛି ବୋଲି ଆପତ୍ତି କରିଛନ୍ତି,ଯେ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଜଣେ ଡେପୁଟି ସୁପରଇନଟେଣ୍ଡେଣ୍ଟ ଅଫ ପୁଲିସ ଅଭିଯୋଗ କରିଛନ୍ତି ଏବଂ ଆବେଦନକାରୀ ତା୧୧ ଡିସେମ୍ବର ୨୦୨୦ ରିଖର ଏକ ଆଦେଶ ବଳରେ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟକୁ ପ୍ରାଥମିକ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯେଉଁଠି ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ ଏପରିକି,ଏଡିଶନାଲ ସୁପରଇନଟେଣ୍ଡେଣ୍ଟ ଅଫ ପୁଲିସ ମିଷ୍ଟର ପି. କେ. ନାୟକ ତଦନ୍ତ କରି, ତା୨୮ ମେ ୨୦୨୧ରିଖ ରେ ସମ୍ପୃକ୍ତ ଆବେଦନକାରୀଙ୍କୁ ଏକ ବିବୃତି ପ୍ରଦାନ କରିଥିଲେ, ଦୁର୍ନୀତିନିବାରଣ ନିର୍ଦ୍ଦେଶାଳୟ ବିରୋଧରେ ଆଣିଥିବା ପକ୍ଷପାତିତା ଆରୋପର ଉପସ୍ଥାପନା କୁ ଆମେ ଏହି କାରଣ ପାଇଁ ସ୍ୱୀକାର କରୁନାହୁଁ ଯେ ଅଭିଯୋଗକାରୀ ଜଣେ ସୂଚନଦାତା ଅଟନ୍ତି ଏବଂ ସେ ଆଗ୍ରହୀ ବ୍ୟକ୍ତି ନୁହନ୍ତି , ସେହି ସମୟରେ ପ୍ରାଥମିକ ତଦନ୍ତ ଅନ୍ୟଜଣେ ଅଧିକାରୀଙ୍କ ଦ୍ୱାରା କରାଯାଇଛି, ଅଭିଯୋଗକାରୀ ଙ୍କ ଦ୍ୱାରା କରାଯାଇ ନାହିଁ ,ତେଣୁ ପକ୍ଷପାତିତାର ବାହାନା ମନ୍ଦ ଉଦେଶ୍ୟଯୁକ୍ତ | ଆମ୍ଭ ମତରେ ପକ୍ଷପାତିତାର ମୁଳତତ୍ତ୍ୱ ବର୍ତ୍ତମାନ ମାମଲାର ସତ୍ୟତା ଏବଂ ପରିସ୍ଥିତିକୁ ଆକର୍ଷିତ କରିପାରି ନାହିଁ |

୩୫. ଆମ ମତରେ ପକ୍ଷପାତର ନୀତି, ଏପରିକି ବର୍ତ୍ତମାନର ମାମଲାର ତଥ୍ୟ ଏବଂ ପରିସ୍ଥିତି ପ୍ରତି ଆକୃଷ୍ଟ ହେଉ ନାହିଁ। ପକ୍ଷପାତ ବିରୋଧରେ ନିୟମ ଆଧୁନିକ ପ୍ରଶାସନିକ ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ପକ୍ଷପାତ ବିରୋଧରେ ନିୟମ ପକ୍ଷପାତ ଦ୍ୱାରା କଳୁଷିତ ବ୍ୟକ୍ତିମାନଙ୍କୁ ବାହାର କରି ଏକ ଉଚିତ ପ୍ରକ୍ରିୟାକୁ ସୁନିଶ୍ଚିତ କରିଥାଏ। ନିୟମ ଅନୁଯାୟୀ, ବାସ୍ତବିକ ପକ୍ଷପାତ ଯୋଗ୍ୟ ନୁହେଁ, ଯଦିଓ ଏହାକୁ ପ୍ରମାଣ କରିବା କଷ୍ଟକର। ସମୟ ପରୀକ୍ଷିତ ନିୟମର ମୌଳିକ ସିଦ୍ଧାନ୍ତ ହେଉଛି ଯେ ନ୍ୟାୟ କେବଳ ପ୍ରଦାନ କରାଯିବା ଉଚିତ ନୁହେଁ ବରଂ ଏହା ନିଶ୍ଚିତ ଭାବେ କରାଯିବା ଉଚିତ ଏବଂ ଏହି ନିୟମକୁ ଏହି ନ୍ୟାୟାଳୟର ଅନେକ ନିଷ୍ପତ୍ତିରେ ବ୍ୟାପକ ମାନ୍ୟତା ମିଳିଛି ଏବଂ ଆମର ବିଚାର ପାଇଁ ଆମେ ଏହାକୁ ଧ୍ୟାନରେ ରଖିଥାଉ। ଏହି ନ୍ୟାୟାଳୟର **ଏ. କେ. କ୍ରାଇପାକ ଏବଂ ଅନ୍ୟମାନେ ବନାମ ଇଉନିଯନ ଅଫ ଇଣ୍ଡିଆ ଏବଂ ଅନ୍ୟମାନେ**[1] ମାମଲାର ୧୫ ତମ ପାରା ରେ ନ୍ୟାୟଳୟ ନିମ୍ନଲିଖିତ ଭାବେ କହିଛନ୍ତି :



[1] ୧୯୬୯(୨)ଏସସିସି୨୬୨

"୧୫. ଏହା ଦୁର୍ଭାଗ୍ୟଜନକ ଯେ ନକିଶବୃନ୍ଦଙ୍କୁ ଚୟନ ବୋର୍ଡର ଜଣେ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି।ଏହା ସତ୍ୟ ଯେ ସାଧାରଣତଃ ରାଜ୍ୟର ମୁଖ୍ୟ ଜଙ୍ଗଲ ସଂରକ୍ଷକଙ୍କୁ ଚୟନ ବୋର୍ଡରେ ରହିବା ପାଇଁ ସବୁଠାରୁ ଉପଯୁକ୍ତ ବ୍ୟକ୍ତି ଭାବେ ବିବେଚନା କରାଯିବା ଉଚିତ । ସେ ନିଜ ଅଧିକାରୀମାନଙ୍କୁ ଭଲ ଭାବେ ଜାଣିଥିବା ଆଶା କରାଯାଏ, ସେମାନଙ୍କର ଦୁର୍ବଳତା ତତସହ ସେମାନଙ୍କର ସାମର୍ଥ୍ୟ ମଧ୍ୟ | ସର୍ବ ଭାରତୀୟ ସେବାରେ ଚୟନ ପାଇଁ ସେମାନଙ୍କ ଯୋଗ୍ୟତା ସମ୍ବନ୍ଧରେ ତାଙ୍କର ମତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏଭଳି ପରିସ୍ଥିତିରେ ନକିଶବନ୍ଦଙ୍କୁ ଚୟନ ବୋର୍ଡର ସଦସ୍ୟ ଭାବେ ସାମିଲ କରିବା ଅନୁଚିତ ଥିଲା। ଚୟନ ପାଇଁ ବିବେଚନା କରାଯାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ସେ ଜଣେ ଥିଲେ। ଜଣେ ମଣିଷକୁ ତାଙ୍କ ନିଜ ମାମଲାରେ ତାଙ୍କୁ ନ୍ୟାୟ ଦେବା ର ସୁଯୋଗ ଦେବା ସମସ୍ତ ନ୍ୟାୟ ବ୍ୟବସ୍ଥାର ବିରୋଧରେ। ଏହା ସତ୍ୟ ଯେ ତାଙ୍କ ନାଁ ଉପରେ ବିଚାର କରାଯିବା ସମୟରେ ସେ କମିଟିରେ ସାମିଲ ହୋଇନଥିଲେ। କିନ୍ତୁ ବାସ୍ତବତା ହେଉଛି,ଯଦି ସେ ଚୟନ ବୋର୍ଡର ସଦସ୍ୟ ହୋଇଥାନ୍ତେ ତାଙ୍କର ପ୍ରଭାବ ଚୟନ ବୋର୍ଡର ନିଷ୍ପତ୍ତି ଉପରେ ନିଶ୍ଚିନ୍ତ ପଡ଼ିଥାନ୍ତା। ଏହା ମଧ୍ୟ ସ୍ୱୀକାର କରାଯାଇଛି ଯେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କର ବିଶେଷ କରି ବାସୁଙ୍କ ଦାବିକୁ ବିଚାର କରାଯିବା ସମୟରେ ସେ ଚୟନ ବୋର୍ଡର ବିଚାରବିମର୍ଶରେ ଭାଗ ନେଇଥିଲେ। ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କ ତାଲିକା ପ୍ରସ୍ତୁତ କରିବାରେ ମଧ୍ୟ ସେ ସାମିଲ ଥିଲେ। ଚୟନ ବୋର୍ଡର ବିଚାରବିମର୍ଶରେ ଭାଗ ନେବାର ପ୍ରତ୍ୟେକ ପର୍ଯ୍ୟାୟରେ ତାଙ୍କର ସ୍ୱାର୍ଥ ଏବଂ କର୍ତ୍ତବ୍ୟ ମଧ୍ୟରେ ବିବାଦ ଦେଖା ଦେଇଥିଲା। ସେଭଳି ପରିସ୍ଥିତିରେ ସେ ନିରପେକ୍ଷ ହୋଇପାରନ୍ତି ବୋଲି ବିଶ୍ୱାସ କରିବା କଷ୍ଟକର। ପ୍ରକୃତ ପ୍ରଶ୍ନ ଏହା ନୁହେଁ ଯେ ସେ ପକ୍ଷପାତୀ ଥିଲେ କି ନାହିଁ। ମଣିଷର ମାନସିକ ସ୍ଥିତିକୁ ପ୍ରମାଣିତ କରିବା କଷ୍ଟକର। ତେଣୁ ଆମକୁ ଏହା ଦେଖିବାର ଆବଶ୍ୟକତା ରହିଛି ଯେ ସେ ପକ୍ଷପାତୀ ବୋଲି ବିଶ୍ୱାସ କରିବାର ଯୁକ୍ତିଯୁକ୍ତ କାରଣ ରହିଛି କି ନାହିଁ। ଆମେ ଆଟର୍ଣ୍ଣି ଜେନେରାଲଙ୍କ ସହ ସହମତ ଯେ କେବଳ ପକ୍ଷପାତର ସନ୍ଦେହ ଯଥେଷ୍ଟ ନୁହେଁ। ପକ୍ଷପାତିତାର ଏକ ଯୁକ୍ତିଯୁକ୍ତ ସମ୍ଭାବନା ରହିବା ଆବଶ୍ୟକ। ପକ୍ଷପାତର ପ୍ରଶ୍ନର ନିଷ୍ପତ୍ତି ନେବା ସମୟରେ ଆମକୁ ମାନବୀୟ ସମ୍ଭାବନା ଏବଂ ମାନବୀୟ ଆଚରଣର ସାଧାରଣ ଧାରାକୁ ଧ୍ୟାନରେ ରଖିବାକୁ ହେବ। ପୁନଃ ଆହ୍ୱାନ ଠାରୁ ତାଙ୍କ ସ୍ଥିତି କୁ ସୁରକ୍ଷିତ ରଖିବା ପାଇଁ ତାଙ୍କ ପ୍ରତିଦ୍ୱନ୍ଦୀ ଙ୍କୁ ଦୂରେଇ ରଖିବା ନାକିସବୃନ୍ଦଙ୍କର ସ୍ୱାର୍ଥରେ ଥିଲା | ସ୍ୱାଭାବିକ ଭାବେ ଚୟନ କରାଯାଇଥିବା ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିବା ସମୟରେ ସେ ନିଜ ପଦବୀକୁ ସୁରକ୍ଷିତ ରଖିବାରେ ମଧ୍ୟ ଆଗ୍ରହୀ ଥିଲେ।

(ଗୁରୁତ୍ୱ ଦିଆଯାଇଛି)

୩୬. ଉପରୋକ୍ତ ମତ **ଅଶୋକ କୁମାର ଯାଦବ ଏବଂ ଅନ୍ୟମାନେ ବନାମ ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ**[2], ମାମଲାରେ ଏହି ନ୍ୟାୟାଳୟର ଏକ ସାମ୍ବିଧାନିକ ଖଣ୍ଡପୀଠଙ୍କ ଦ୍ୱାରା ନିମ୍ନଲିଖିତ ଭାବେ ପୁନଃ ବିଚାର କରାଯାଇଛି :

> "୧୬. ଆବେଦନକାରୀଙ୍କ ସହ ଆମେ ସହମତ ଯେ ଏହା ହେଉଛି ଆମର ବିଧିଶାସ୍ତ୍ରର ମୌଳିକ ସିଦ୍ଧାନ୍ତ ଯେ କୌଣସି ବ୍ୟକ୍ତି ନିଜ କାରଣରୁ ନ୍ୟାୟାଧୀଶ ହୋଇପାରିବେ ନାହିଁ ଏବଂ ଯଦି ପକ୍ଷପାତର ଯୁକ୍ତିଯୁକ୍ତ ସମ୍ଭାବନା ରହିଛି ତେବେ ଏହା ପ୍ରାକୃତିକ ନ୍ୟାୟ ଏବଂ ସାଧାରଣ ଜ୍ଞାନ ଅନୁଯାୟୀ ଏହା ଏପରି ପକ୍ଷପାତୀ ନ୍ୟାୟ ବସିବା ପାଇଁ ଅକ୍ଷମ ହେବା ଉଚିତ। ପ୍ରଶ୍ନ ଏହା ନୁହେଁ ଯେ ବିଚାରପତି ପ୍ରକୃତରେ ପକ୍ଷପାତ କରିଛନ୍ତି କି ଆଂଶିକ ନିଷ୍ପତ୍ତି ନେଇଛନ୍ତି, କିନ୍ତୁ ଯଦି,ପ୍ରକୃତ ପକ୍ଷପାତର କିଛି ଆଧାର ଥାଏ । ଏପରି ମାମଲାରେ ଆପତ୍ତିଜନକ ବିଷୟ ଏହା ନୁହେଁ ଯେ ନିଷ୍ପତ୍ତି ପ୍ରକୃତରେ ପକ୍ଷପାତମୂଳକ ଅଟେ, ବରଂ ଏପରି ପରିସ୍ଥିତି ରହିଛି ଯାହା ଅନ୍ୟମାନଙ୍କ ମନରେ ଏକ ଯୁକ୍ତିଯୁକ୍ତ ଆଶଙ୍କା ସୃଷ୍ଟି କରୁଛି ଯେ ନିଷ୍ପତ୍ତିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏହି ନିୟମ ଆଧାରରେ ମୌଳିକ ସିଦ୍ଧାନ୍ତ ହେଉଛି ଯେ ନ୍ୟାୟ କେବଳ ପ୍ରଦାନ କରାଯିବା ଉଚିତ ନୁହେଁ ବରଂ ଦୃଷ୍ଟିଗୋଚର ମଧ୍ୟ ହେବା ଉଚିତ ଏବଂ ନ୍ୟାୟାଳୟର ଅନେକ ନିଷ୍ପତ୍ତିରେ ଏହି ନିୟମକୁ ବ୍ୟାପକ ମାନ୍ୟତା ମିଳିଛି । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଏହି ନିୟମ କେବଳ ସେହି ମାମଲାରେ ସୀମିତ ନୁହେଁ ଯେଉଁଠାରେ ନ୍ୟାୟିକ କ୍ଷମତାକୁ କଡାକଡି ଭାବେ ପ୍ରୟୋଗ କରାଯାଇଥାଏ । ପ୍ରତିଦ୍ୱନ୍ଦ୍ୱୀ ପକ୍ଷଙ୍କ ଦାବି ମଧ୍ୟରେ ଏକ ନିରପେକ୍ଷ ଏବଂ ନ୍ୟାୟସଙ୍ଗତ ନିଷ୍ପତ୍ତିରେ ପହଞ୍ଚିବା ଲାଗି ଏକ ସ୍ୱାଧୀନ ମସ୍ତିଷ୍କର ପ୍ରୟୋଗ କରାଯିବାର ଆବଶ୍ୟକତା ଥିବା ସମସ୍ତ ମାମଲାରେ ଏହା ଉପଯୁକ୍ତ ଭାବେ ସମ୍ପ୍ରସାରିତ ହୋଇଛି। ନ୍ୟାୟ କେବଳ ନ୍ୟାୟାଳୟର କାର୍ଯ୍ୟ ନୁହେଁ, ଏହା ମଧ୍ୟ ସମସ୍ତଙ୍କର କର୍ତ୍ତବ୍ୟ ଯେଉଁମାନେ ପ୍ରତିଦ୍ୱନ୍ଦ୍ୱୀ ପକ୍ଷମାନଙ୍କ ମଧ୍ୟରେ ଯଥାର୍ଥ ନିଷ୍ପତି ନେବେ ବୋଲି ଆଶା କରାଯାଏ | ନ୍ୟାୟିକ କ୍ଷମତା ପ୍ରୟୋଗ କରୁଥିବା କର୍ତ୍ତୃପକ୍ଷଙ୍କ ପ୍ରତି ଲାଗୁ କରାଯାଉଥିବା କଠୋର ମାନଦଣ୍ଡ ପ୍ରଶାସନିକ ସଂସ୍ଥା ପ୍ରତି ଅଧିକରୁ ଅଧିକ ପ୍ରୟୋଗ କରାଯାଉଛି, କାରଣ ଏକ ଜନକଲ୍ୟାଣ ରାଷ୍ଟ୍ରରେ ଆଇନର ଶାସନ ବଜାୟ ରଖିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ପ୍ରଶାସନିକ ସଂସ୍ଥାଗୁଡ଼ିକର ଅଧିକାର କ୍ଷେତ୍ର ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରାଷ୍ଟ୍ରୀୟକଳ ଗୁଡିକ ଉଚିତ ଏବଂ ନ୍ୟାୟପୂର୍ଣ୍ଣ ଢଙ୍ଗରେ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରିବା ଉଚିତ। ଏହି ଆଧାରରେ *ଏ. କେ. କ୍ରାଇପାକ ବନାମ ୟୁନିୟନ ଅଫ ଇଣ୍ଡିଆ* [(୧୯୬୯) ୨ ଏସସିସି ୨୬୨] ମାମଲାରେ ଭାରତୀୟ ଜଙ୍ଗଲ ସେବାରେ ଅଧିକାରୀ ଚୟନ କରିବା ଲାଗି ଗଠିତ ଚୟନ ସମିତିର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଉପରେ ଏହି ନିୟମର ପ୍ରଯୁଜ୍ୟତାକୁ ସମ୍ପ୍ରସାରିତ କରାଯାଇଥିଲା। ଏହି ମାମଲାରେ ଯାହା ଘଟିଲା ତାହା ହେଲା ଜାମ୍ମୁ-କାଶ୍ମୀରର କାର୍ଯ୍ୟକାରୀ ମୁଖ୍ୟ ଜଙ୍ଗଲ ସଂରକ୍ଷକ ନକିଶବୁନ୍ଦ ଚୟନ ବୋର୍ଡର ସଦସ୍ୟ ଥିଲେ, ଯାହାକୁ ଜାମ୍ମୁ-କାଶ୍ମୀରର ଜଙ୍ଗଲ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କ ମଧ୍ୟରୁ ଭାରତୀୟ ଜଙ୍ଗଲ ସେବାରେ ଅଧିକାରୀମାନଙ୍କୁ ଚୟନ କରିବା ପାଇଁ ଗଠନ କରାଯାଇଥିଲା। ଚୟନ ବୋର୍ଡର ସଦସ୍ୟ ଥିବା ନକିଶବୁନ୍ଦ ମଧ୍ୟ ଭାରତୀୟ ବନ ସେବାରେ ଚୟନ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ ଥିଲେ। ଚୟନ ପାଇଁ ତାଙ୍କ ନାମ ବିଚାରାଧୀନ ଥିବା ସମୟରେ ସେ ଚୟନ ବୋର୍ଡରେ ବସିନଥିଲେ, କିନ୍ତୁ ଚୟନ ପାଇଁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଅଧିକାରୀମାନଙ୍କ ନାମ ବିଚାରାଧୀନ ଥିବା ବେଳେ ସେ ଚୟନ ବୋର୍ଡରେ ବସି ବିଚାରବିମର୍ଶରେ ଭାଗ ନେଇଥିଲେ ଏବଂ ପସନ୍ଦ ଅନୁଯାୟୀ ମନୋନୀତ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରୁଥିବାବେଳେ ଚୟନ ବୋର୍ଡ ର ବିଚାରବିମର୍ଶରେ ଭାଗ ନେଇଥିଲେ | ନ୍ୟାୟାଳୟ ମତ ପୋଷଣ କରିଥିଲେ ଯେ ନକିସବୁନ୍ଦଙ୍କ ଉପସ୍ଥିତି, ଚୟନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ଥିବା କାରଣରୁ ଚୟନ ପ୍ରକ୍ରିୟାକୁ ବିକୃତ କରିଛି। ନ୍ୟାୟାଳୟ ତରଫରୁ ବିଚାରପତି ହେଗଡେ ଏହି ଯୁକ୍ତିକୁ ଖଣ୍ଡନ କରି କହିଥିଲେ ଯେ ଯେତେବେଳେ ତାଙ୍କ ନାମକୁ ବିବେଚନା କରାଯାଉଥିଲା, ନକିସବୁନ୍ଦ ଚୟନ ବୋର୍ଡର ବିଚାରବିମର୍ଶରେ ଅଂଶଗ୍ରହଣ କରିନଥିଲେ,ଏହା କହିଲେ ଯେ



[2] ୧୯୮୪ (୪) ଏସସିସି ୪୧୭

"ମାତ୍ର ସେ ଚୟନ ବୋର୍ଡର ସଦସ୍ୟ ଥିବାରୁ ଚୟନ ବୋର୍ଡର ନିଷ୍ପତ୍ତି ଉପରେ ଏହାର ନିଶ୍ଚିନ୍ତ ପ୍ରଭାବ ପକାଇଥିବେ । ଏହା ମଧ୍ୟ ସ୍ୱୀକାର କରାଯାଇଛି ଯେ ସେ ଚୟନ ବୋର୍ଡର ବିଚାରବିମର୍ଶରେ ଭାଗ ନେଇଥିଲେ ଯେତେବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଦାବିକୁ ବିଚାରକୁ ନିଆଯାଇଥିଲା। ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କ ତାଲିକା ପ୍ରସ୍ତୁତ କରିବାରେ ମଧ୍ୟ ସେ ସାମିଲ ଥିଲେ। ଚୟନ ବୋର୍ଡର ବିଚାରବିମର୍ଶରେ ତାଙ୍କର ଅଂଶଗ୍ରହଣର ପ୍ରତ୍ୟେକ ପର୍ଯ୍ୟାୟରେ ତାଙ୍କର ସ୍ୱାର୍ଥ ଏବଂ କର୍ତ୍ତବ୍ୟ ମଧ୍ୟରେ ବିବାଦ ଦେଖାଦେଇଥିଲା। ପ୍ରକୃତ ପ୍ରଶ୍ନ ହେଉଛି ସେ ପକ୍ଷପାତୀ ଥିଲେ କି ନାହିଁ। ମଣିଷର ମାନସିକ ସ୍ଥିତିକୁ ପ୍ରମାଣିତ କରିବା କଷ୍ଟକର। ତେଣୁ ଆମକୁ ଏହା ଦେଖିବାର ଆବଶ୍ୟକତା ରହିଛି ଯେ ଏହା ବିଶ୍ୱାସ କରିବାର କୌଣସି ଯୁକ୍ତିଯୁକ୍ତ କାରଣ ରହିଛି କି ନାହିଁ ଯେ ସେ ପକ୍ଷପାତର ଶିକାର ହୋଇଥିବେ। ପକ୍ଷପାତର ପ୍ରଶ୍ନର ନିଷ୍ପତ୍ତି ନେବା ସମୟରେ ଆମକୁ ମାନବୀୟ ସମ୍ଭାବନା ଏବଂ ମାନବୀୟ ଆଚରଣର ସାଧାରଣ ଧାରାକୁ ଧ୍ୟାନରେ ରଖିବାକୁ ହେବ।"

ଏହି ଅଦାଲତ ଜୋର ଦେଇ କହିଛନ୍ତି ଯେ ପକ୍ଷପାତ ପ୍ରତିଷ୍ଠା କରିବା ଜରୁରୀ ନୁହେଁ କିନ୍ତୁ ଚୟନ ପ୍ରକ୍ରିୟାକୁ ଅବୈଧ ଘୋଷଣା କରିବା ଯଥେଷ୍ଟ ଅଟେ ଯଦି ଏହା ଦର୍ଶାଇପାରେ ଯେ ପକ୍ଷପାତିତାର ଯଥେଷ୍ଟ ସମ୍ଭାବନା ଅଛି । ମାଲିକାନା ସ୍ୱାର୍ଥ କିମ୍ବା ବ୍ୟକ୍ତିଗତ କାରଣ ହେତୁ ପକ୍ଷପାତର ସମ୍ଭାବନା ସୃଷ୍ଟି ହୋଇପାରେ ଯେପରିକି ଗୋଟିଏ ପକ୍ଷର ଶତ୍ରୁତା କିମ୍ବା ବ୍ୟକ୍ତିଗତ ବନ୍ଧୁତା କିମ୍ବା ଅନ୍ୟ ପକ୍ଷ ସହ ପାରିବାରିକ ସମ୍ପର୍କ । ଯେତେବେଳେ ସମ୍ପର୍କ ଆଧାରରେ ପକ୍ଷପାତର ଯୁକ୍ତିଯୁକ୍ତ ସମ୍ଭାବନା ରହିଛି, ସେତେବେଳେ ପ୍ରଶ୍ନ ସର୍ବଦା ଏହା ରହିବ ଯେ ସମ୍ପର୍କ କେତେ ନିବିଡ ଅଟେ କିମ୍ବା ଅନ୍ୟ ଅର୍ଥରେ ସମ୍ପର୍କର ଘନିଷ୍ଠତା ଏତେ ଅଧିକ ଯେ ଚୟନ କରୁଥିବା କର୍ତ୍ତୃପକ୍ଷଙ୍କ ତରଫରୁ ପକ୍ଷପାତର ଯୁକ୍ତିଯୁକ୍ତ ଆଶଙ୍କା ସୃଷ୍ଟି ହୋଇଥାଏ।"

(ଗୁରୁତ୍ୱ ଦିଆଯାଇଛି)

୩୭. ଏହି ମାମଲାରେ, ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଡେପୁଟି ସୁପରଇନଟେଣ୍ଡେଣ୍ଟ ଅଫ ପୁଲିସ (ଶ୍ରୀ ରଞ୍ଜନ କୁମାର ଦାସ) ଙ୍କ ଦ୍ୱାରା ଅଭିଯୋଗ କରାଯାଇଥିଲା, ଯିଏକି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଅଭିଯୋଗ ସହିତ ଜଡ଼ିତ ନୁହନ୍ତି, ସେ ଆବେଦନକାରୀଙ୍କ କାର୍ଯ୍ୟାଳୟରେ ସୂଚନା ପ୍ରଦାନକାରୀ ବୋଲି କୁହାଯାଇପାରେ ଏବଂ ଏହା ବ୍ୟତୀତ, ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ଜଣେ ବରିଷ୍ଠ ଅଧିକାରୀ, ଅତିରିକ୍ତ ସୁପରଇନଟେଣ୍ଡେଣ୍ଟ ଅଫ ପୁଲିସ ଶ୍ରୀ ପି. କେ. ନାଏକ ସ୍ୱାଧୀନ ଭାବେ ପ୍ରାଥମିକ ତଦନ୍ତ କରି, ୨୦୨୧ ମସିହା ମେ ୨୮ ତାରିଖରେ ସେ ତାଙ୍କର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ, ତତ୍କାଳୀନ ତଥ୍ୟ ଏବଂ ପରିସ୍ଥିତିରେ ପକ୍ଷପାତିତାର ପ୍ରଶ୍ନ ଉଠୁନାହିଁ ଏବଂ ଏହା ବ୍ୟତୀତ ନିକଟରେ **ମୁକେଶ ସିଂ ବନାମ ରାଜ୍ୟ (ନାରକୋଟିକ୍ ବ୍ରାଞ୍ଚ ଅଫ ଦିଲ୍ଲୀ)**[3] ମାମଲାରେ ଏହି ନ୍ୟାୟାଳୟର ସାମ୍ବିଧାନିକ ଖଣ୍ଡପୀଠ ପ୍ରଶ୍ନ କରି ତଦାରଖ କରିଥିଲେ ଯେ ଯଦି ତଦନ୍ତ କରୁଥିବା ପୁଲିସ ଅଧିକାରୀ ନିଜେ ଜଣେ ଅଭଯୋଗକାରୀ ,ତେବେ ଅଦାଲତରେ ଚାଲୁଥିବା ବିଚାର ସବୁ ବ୍ୟର୍ଥ ହୋଇଯିବ ଏବଂ ଅଭିଯୁକ୍ତ ନିର୍ଦ୍ଦୋଷ ରେ ଖଲାସ ହେବାପାଇଁ ହକଦାର ହୋଇଯିବ,ଏବଂ ଆଇନର ପରିକଳ୍ପନାକୁ ପରୀକ୍ଷା କରି ଶେଷରେ ଏହିପରି ଉତ୍ତର ମିଳିଛି :



[3] ୨୦୨୦(୧୦)ଏସସିସି ୧୨୦

"୧୩. ଉପରୋକ୍ତ ଆଲୋଚନାରୁ ଏବଂ ଉପରୋକ୍ତ କାରଣରୁ, ଆମେ ନିମ୍ନୋକ୍ତ ସନ୍ଦର୍ଭରେ ଉପସଂହାର ଏବଂ ଉତ୍ତର ଦେଉଛୁ:

୧୩. ୧. (୧) ଏହି ନ୍ୟାୟାଳୟର ଭଗବାନ ସିଂହ ବନାମ ରାଜସ୍ଥାନ ରାଜ୍ୟ [(୧୯୭୬) 1 ଏସସିସି୧୫], ମେଘା ସିଂ ବନାମ ହରିୟାଣା ରାଜ୍ୟ [(୧୯୯୬) ୧୧ ଏସସିସି୭୦୯] ଏବଂ ରାଜ୍ୟ ବନାମ ରାଜଙ୍ଗମ [(୨୦୧୦) ୧୫ ଏସସିସି୩୬୯] ମାମଲାରେ ମନ୍ତବ୍ୟ ଏବଂ ଏହି ନ୍ୟାୟାଳୟ ଦ୍ୱାରା ଅଭିଯୁକ୍ତଙ୍କୁ ଏହି ଆଧାରରେ ଦୋଷମୁକ୍ତ କରିବା ଯେ ସୂଚନାଦାତା ଏବଂ ତଦନ୍ତକାରୀ ସମାନ ଥିଲେ, ଏହା ବିଚାରକୁ ଦୂଷିତ କରିଛି ଏବଂ ସେମାନଙ୍କର ନିଜ  ତଥ୍ୟ ଆଧାରରେ   ଅଭିଯୁକ୍ତଙ୍କୁ  ଦୋଷମୁକ୍ତ କରିବା ପାଇଁ ବାଧ୍ୟ ହେଉଛୁ ।ଏହା କୁହାଯାଇପାରିବ ନାହିଁ ଯେ ଉପରୋକ୍ତ ନିଷ୍ପତ୍ତିରେ, ଏହି ନ୍ୟାୟାଳୟ ଆଇନର କୌଣସି ସାଧାରଣ ପ୍ରସ୍ତାବକୁ ନିର୍ଦ୍ଧାରଣ କରିଥିଲେ ଯେ ପ୍ରତ୍ୟେକ ମାମଲାରେ ଯେଉଁଠାରେ ସୂଚନା ପ୍ରଦାନକାରୀ ତଦନ୍ତକାରୀ ଅଛନ୍ତି ସେଠାରେ ଅଭିଯୁକ୍ତଙ୍କ ପ୍ରତି ପକ୍ଷପାତିତା ରହିଛି ଏବଂ ସମ୍ପୂର୍ଣ୍ଣ ଅଭିଯୋଗର ମାମଲା ବିଶ୍ୱାସ କରାଯିବା ଉଚିତ ନୁହେଁ ଏବଂ ଅଭିଯୁକ୍ତ ଦୋଷମୁକ୍ତ ହେବା ପାଇଁ ହକଦାର।

୧୩.୨ (୨) ଯେତେବେଳେ କି ସୂଚନା ପ୍ରଦାନକାରୀ ନିଜେ ତଦନ୍ତକାରୀ, ସେତେବେଳେ ଏହା କୁହାଯାଇ ପାରିବ ନାହିଁ ଯେ ପକ୍ଷପାତ କିମ୍ବା ଅନୁରୂପ କାରଣରୁ ତଦନ୍ତରେ ବାଧା ସୃଷ୍ଟି ହୋଇଛି।ପକ୍ଷପାତ କିମ୍ବା ପକ୍ଷପାତର ପ୍ରଶ୍ନ ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରିବ।ତେଣୁ କେବଳ ସୂଚନା ପ୍ରଦାନକାରୀ ତଦନ୍ତକାରୀ ହୋଇଥିବାରୁ ତଦନ୍ତରେ ଅନିୟମିତତା କିମ୍ବା ପକ୍ଷପାତର କୌଣସି ପ୍ରଭାବ ପଡ଼ିବ ନାହିଁ। ତେଣୁ ଏକମାତ୍ର ଆଧାରରେ ସୂଚନା ପ୍ରଦାନକାରୀ ତଦନ୍ତକାରୀ ହୋଇଥିବାରୁ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇପାରିବ ନାହିଁ । ଏହି ମାମଲା କୁ ଅତି ସତର୍କତାର ସହିତ ବିଚାର କରିବାକୁ ପଡିବ ।ମୋହନ ଲାଲ ବନାମ ପଞ୍ଜାବ ରାଜ୍ୟ [(୨୦୧୮) ୧୭ ଏସସିସି ୬୨୭] ମାମଲାରେ ଏହି ନ୍ୟାୟାଳୟର ଏକ ବିପରୀତ ରାୟ ଏବଂ ଅନ୍ୟ କୌଣସି ନିଷ୍ପତ୍ତି ଯାହା ବିପରୀତ ମତ ପୋଷଣ କରୁଛି ଯେ ସୂଚନା ପ୍ରଦାନକାରୀ ତଦନ୍ତକାରୀ ହୋଇପାରିବେ ନାହିଁ ଏବଂ ଏପରି ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହେବାର ହକଦାର, ତାହା ଠିକ ଆଇନ ନୁହେଁ ଏବଂ ବିଶେଷ ଭାବେ ସେସବୁକୁ ବାତିଲ କରାଯାଇଛି।"

(ଗୁରୁତ୍ୱ ଦିଆଯାଇଛି)

୩୮. ଆମେ ବିଚାର କରୁଛୁ ଯେ ଏହି ମାମଲାରେ ପ୍ରାରମ୍ଭିକ ତଦନ୍ତ କରିବାରେ କୌଣସି ପକ୍ଷପାତିତା କରାଯାଇନଥିଲା ଏବଂ ପ୍ରତିବାଦୀଙ୍କ ଦ୍ୱାରା ଉଠାଯାଇଥିବା ଆପତ୍ତିକୁ ବାତିଲ  କରାଯାଇଛି।
୩୯.  ପ୍ରତିବାଦି ମାନଙ୍କ  ଦ୍ୱାରା ଉଠାଯାଇଥିବା ପୁନଃ ଆପତ୍ତି ଏହି ଅଦାଲତରେ ଆବେଦନ  ଦାଖଲ କରିବାରେ ଆବେଦନକାରୀଙ୍କ ଅଧିକାର ଏବଂ ତାଙ୍କ ସମର୍ଥନରେ **ଜାତୀୟ ମହିଳା ଆୟୋଗ ବନାମ ଦିଲ୍ଲୀ ରାଜ୍ୟ ଏବଂ ଅନ୍ୟଜଣେ**[4]  ଏବଂ **ଏମ. ଏସ. କାଜି ବନାମ ମୁସଲିମ ଶିକ୍ଷା ସୋସାଇଟି ଏବଂ ଅନ୍ୟମାନେ**[5]  ମାମଲାର  ରାୟ କୁ  ଓକିଲ ସମର୍ଥନ କରିଛନ୍ତି |



[4] ୨୦୧୦(୧୨)ଏସସିସି୫୯୯

[5] ୨୦୧୬(୯) ୨୬୩

ଆମର ବିଚାର ବିମର୍ଶ ଅନୁସାରେ, ଆବେଦନକାରୀଙ୍କ ଆବେଦନ ସମ୍ପୂର୍ଣ୍ଣ ଭାବେ ଅଯୋଗ୍ୟ  କାରଣ ଆଇନ ଅଧିନିୟମ୨୦୧୪ ର ଧାରା ୨୦ (୧) ଅନ୍ତର୍ଗତ ପ୍ରଦତ୍ତ ଅଧିକାର ପ୍ରୟୋଗ କରି ପ୍ରାରମ୍ଭିକ ତଦନ୍ତ କରିବା ଲାଗି ୧୧ ଡିସେମ୍ବର, ୨୦୨୦ ମସିହାରେ ରେ ଦିଆଯାଇଥିବା ଆଦେଶ ଅନୁଯାୟୀ ଆରମ୍ଭ କରାଯାଇଥିବା ଆବେଦନକାରୀଙ୍କ କାର୍ଯ୍ୟାନୁଷ୍ଠାନ ଉଚ୍ଚନ୍ୟାୟାଳୟ ସମୁଖରେ ଏକ ଆହ୍ୱାନ ଭାବେ  ପ୍ରଥମ ପ୍ରତିବାଦୀଙ୍କ ଦ୍ୱାରା ଉପସ୍ଥାପିତ କରଯାଇଥିଲା  ଏବଂ ଯଦି ଏହି ମାମଲାରେ ହସ୍ତକ୍ଷେପ କରାଯାଇଛି  ଏବଂ ୩ ଫେବୃଆରୀ ,୨୦୨୧ ମସିହାରେ ରେ ଦିଆଯାଇଥିବା ରାୟ ଆଧାରରେ ଆବେଦନକାରୀଙ୍କ କାର୍ଯ୍ୟକୁ ଖାରଜ କରାଯାଇଛି, ତେବେ ଆବେଦନକାରୀ ବାସ୍ତବରେ ଜଣେ ବ୍ୟଥିତ ବ୍ୟକ୍ତି ଥିଲେ ଏବଂ ଉଚ୍ଚନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ   ଦ୍ୱାରା ହସ୍ତକ୍ଷେପ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇବାର ଅଧିକାର ତାଙ୍କର ରହିଛି ଏବଂ ଆବେଦନକାରୀଙ୍କ ନିକଟରେ ଉପଲବ୍ଧ ଏକମାତ୍ର ଉପାୟ ହେଉଛି ସମ୍ବିଧାନର ଧାରା୧୩୬ ଅନ୍ତର୍ଗତ ଏହି ନ୍ୟାୟାଳୟରେ  ଏକ ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ କରି ଉଚ୍ଚନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ  ଆଦେଶକୁ ପ୍ରଶ୍ନ କରିବା।

୪୦. **ଜାତୀୟ ମହିଳା ଆୟୋଗ** (ଉପରୋକ୍ତ) ର ରାୟ, ଯେଉଁଥିରେ ପ୍ରତିବାଦୀମାନେ ଅପରାଧିକ ବିଚାରରେ, ପ୍ରଥମେ ନିମ୍ନଅଦାଲତଙ୍କ ଦ୍ୱାରା ଅନୁଷ୍ଠିତ ମାମଲାରେ, ନିମ୍ନ ଅଦାଲତଙ୍କ ଦ୍ୱାରା  ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ତାଙ୍କ ଦ୍ୱାରା କରାଯାଇଥିବା ଆବେଦନ  ପରେ କ୍ଷମତାସମ୍ପନ୍ନ ନ୍ୟାୟାଳୟରେ ଅଭିଯୋଜନ ଦ୍ୱାରା ଦୋଷମୁକ୍ତ କରାଯାଇଥିଲା ଏବଂ ସ୍ପଷ୍ଟତଃ ଅପରାଧିକ ପ୍ରକ୍ରିୟା ସଂହିତା, ୧୯୭୩ର ଧାରା ୩୭୮ ଅଧୀନରେ ଅଭିଯୋଜନ ପକ୍ଷ ଅର୍ଥାତ୍ ରାଜ୍ୟ ସରକାର କିମ୍ବା ପୀଡ଼ିତାଙ୍କ ଦ୍ୱାରା ଦୋଷମୁକ୍ତ ଆଦେଶ ବିରୋଧରେ ଆବେଦନ କରାଯାଇପାରିବ, କିନ୍ତୁ ଉଭୟ ପକ୍ଷ କୌଣସି ଆବେଦନ କରିନାହାନ୍ତି ଏବଂ ଜାତୀୟ ମହିଳା ଆୟୋଗ ହିଁ ଏହି ନ୍ୟାୟାଳୟରେ  ସମ୍ବିଧାନର ଧାରା ୧୩୬ ଅଧୀନରେ ଏକ ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ  କରିଥିଲେ ଏବଂ ଏହି ନ୍ୟାୟାଳୟ ଏବେ ମଧ୍ୟ ଆୟୋଗଙ୍କ  ଦ୍ୱାରା ଦିଆଯାଇଥିବା ଆବେଦନକୁ  ଯାଞ୍ଚ କରିବାକୁ ଏହି ଅଦାଲତ  ସାହସ କରିଛନ୍ତି , କିନ୍ତୁ ଏଠାରେ ଅନୁଭବ କରାଯାଇଛି ଯେ   ଜାତୀୟ ମହିଳା ଆୟୋଗଙ୍କ  ଦ୍ୱାରା ଦାଖଲ ହୋଇଥିବା ସ୍ୱତନ୍ତ୍ର ଅନୁମତି ଆବେଦନ ଗ୍ରହଣୀୟ ନୁହେଁ  ଏବଂ ନିଶ୍ଚିନ୍ତ ଭାବରେ ଜାତୀୟ ମହିଳା ଆୟୋଗ ଜଣେ କ୍ଷତିଗ୍ରସ୍ତ ବ୍ୟକ୍ତି ନୁହନ୍ତି,ଏବଂ କ୍ଷମତା ସମ୍ପନ୍ନ ଅଦାଲତ ଙ୍କ ଆଦେଶକୁ ବିରୋଧ କରିବାରେ ଏହାର କୌଣସି ବୈଧତା ନାହିଁ|

୪୧.  ସେହିପରି **ଏମ. ଏସ୍. କାଜି** (ପୂର୍ବୋକ୍ତ) ଙ୍କର ଏପରି ଏକ ମାମଲା ଥିଲା, ଯେଉଁଥିରେ ଏହି ଅଦାଲତଙ୍କ ରାୟ ଦ୍ଵାରା  ଶିକ୍ଷକଙ୍କୁ ଶୃଙ୍ଖଳାଗତ ତଦନ୍ତ କରାଯିବା ପରେ ଏକ ସଂଖ୍ୟାଲଘୁ ସଂସ୍ଥାନ ଦ୍ଵାରା ନିଲମ୍ବନ କରାଯାଇଥିଲା। ଯେହେତୁ ଏହି ମାମଲା ସମ୍ବିଧାନର ଧାରା ୨୨୬/୨୨୭ ଅଧୀନରେ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ଏହି ପର୍ଯ୍ୟାୟରେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ  କହିଥିଲେ ଯେ ଯେହେତୁ ନ୍ୟାୟାଧୀକରଣ ଏକ ପ୍ରତିବାଦି ପକ୍ଷ  ନୁହନ୍ତି, ସେ ଜଣେ ପ୍ରଶାସକ ଥିଲେ ଯାହାଙ୍କ ସମ୍ମୁଖରେ ଶିକ୍ଷକ ଏବଂ ସଂଖ୍ୟାଲଘୁ ସଂସ୍ଥାନ ମଧ୍ୟରେ ଚାଲିଥିବା ବିବାଦର ପରୀକ୍ଷା କରଯାଇଥିଲା , ତେବେ ବିରୋଧ ପୋଷଣୀୟ  ଥିଲା, ତଥାପି ଏହି ନ୍ୟାୟାଳୟଙ୍କ ଦ୍ଵାରା ଆପତ୍ତି କୁ ଦବାଇ ଦିଆଯାଇଥିଲା, ଯାହାକୁ  ପାରା ୯ରେ ଏହିପରି ଉଲ୍ଲେଖ କରାଯାଇଛି ଯେ କ୍ଷ୍ୟତିଗ୍ରସ୍ତ ହୋଇଥିବା ବ୍ୟକ୍ତି ଜଣକ ଆଇନର ଆଶ୍ରୟ ନେଇ ଆଇନ ଅଧୀନରେ ଉପଲବ୍ଧ ନିଜର ପ୍ରତିକାର କରିଥାନ୍ତେ  କିନ୍ତୁ କ୍ଷତିଗ୍ରସ୍ତ ବ୍ୟକ୍ତି ଜଣକ ନ୍ୟାୟଧିକରଣ ର ନ୍ୟାୟିକ ଅଧିକାରକୁ ଆହ୍ଵାନ କରିଛନ୍ତି, କିନ୍ତୁ ନ୍ୟାୟାଧୀକରଣ ଶିକ୍ଷକ ଏବଂ ସଂଖ୍ୟାଲଘୁ ସଂସ୍ଥା ମଧ୍ୟରେ ଚାଲିଥିବା ବିଚାରାଧୀନ ମାମଲାରେ ଆବଶ୍ୟକ ପକ୍ଷ ନୁହନ୍ତି ଏବଂ ଏହିପରି ଭାବରେ ଉଚ୍ଚନ୍ୟାୟାଳୟ, ନ୍ୟାୟଧିକରଣ ପ୍ରତିବାଦି ପକ୍ଷ ନ ହେବାରୁ,ଏକାଧିକାର ଦରଖାସ୍ତ କୁ ଗ୍ରହଣ ନକରି ଖାରଜ କରି ଏକ ତ୍ରୁଟି କରିଛନ୍ତି |

୪୨.   ନିର୍ଭର କରାଯାଇଥିବା ଉଭୟ ବିଚାର ମଧ ବର୍ତ୍ତମାନ ମାମଲାର ତଥ୍ୟ ଏବଂ ପରିସ୍ଥିତି ସହିତ ସମ୍ପୃକ୍ତ ନୁହେଁ | ଅନ୍ୟ ଶବ୍ଦରେ କହିବାକୁ ଗଲେ, ଯଦି  ୧୧ ଡିସେମ୍ବର ୨୦୨୦ରେ ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିବା ଆଦେଶ ବଳରେ ଅଧିନିୟମ ୨୦୧୪ ଧାରା ୨୦(୧) ଅଧୀନରେ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ କୁ ପ୍ରାଥମିକ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେବା ଉଚ୍ଚନ୍ୟାୟାଳୟ ଅଗ୍ରାହ୍ୟ କରିଦେଇଛନ୍ତି, ନିଶ୍ଚିନ୍ତ ଭାବରେ ଆବେଦନକାରୀ ଜଣେ କ୍ଷତିଗ୍ରସ୍ତ ବ୍ୟକ୍ତି ଏବଂ ସେ ସମ୍ବିଧାନ ଅନ୍ତର୍ଗତ ଅନୁଚ୍ଛେଦ ୧୩୬ ଆଧାରରେ ଉଚ୍ଚନ୍ୟାୟାଳୟ ର ଆକ୍ଷେପିତ  ରାୟ ର ବୈଧତା/ବିଧିମାନ୍ୟତା ଏବଂ କ୍ଷେତ୍ରାଧିକାର ଉପରେ ପ୍ରଶ୍ନ କରିପାରେ |

୪୩. ଫଳସ୍ୱରୂପ, ଆବେଦନଗୁଡିକୁ ସଫଳତାର ସହିତ ଅନୁମତି ଦିଆଗଲା | ତା ୩ ଫେବୃଆରୀ ୨୦୨୧ରିଖର ଉଚ୍ଚନ୍ୟାୟାଳୟଙ୍କ ରାୟ ଏବଂ ତା ୫ ଏପ୍ରିଲ ୨୦୨୧ରିଖରେ ଦିଆଯାଇଥିବା ସମୀକ୍ଷା ଆଦେଶକୁ ଅଗ୍ରାହ୍ୟ କରାଗଲା। କୌଣସି ଖର୍ଚ୍ଚ ନାହିଁ|

୪୪. ଯଦି କୌଣସି ଆବେଦନ ବିଚାରାଧୀନ ରହିଛି, ସେସବୁକୁ ନିକାଶ କରାଗଲା ।

**(ଅଜୟ ରସ୍ତୋଗୀ)**
**ବିଚାରପତି**
**(ବେଲା ଏମ. ତ୍ରିବେଦୀ)**
**ବିଚାରପତି**

**ନୂଆଦିଲ୍ଲୀ**
**ଫେବୃଆରୀ 23,2023 |**

<u>**ଅସ୍ୱୀକାର ପତ୍ର**</u>

*"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ* ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା *ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"*

Translated by Shri Jatadhari Sethi,
Translator, High Court of Orissa, Cuttack.